# ସ୍ମୃତି ଓ ସମ୍ଭାବନାରେ ଶ୍ରୀ ଚୈତନ୍ୟ

● ଡ଼କ୍ଟର ନୀଳକଣ୍ଠ ମିଶ୍ର

ଶ୍ରୀ ଚୈତନ୍ୟ ଓ ରାୟ ରାମାନନ୍ଦ ଉଭୟ ନିଜର ଜ୍ଞାନ ଓ ଶ୍ରୀକୃଷ୍ଣଙ୍କ ପ୍ରତି ଅଚଳା ଭକ୍ତି ଯୋଗୁ ପରସ୍ପର ପ୍ରତି ଆକର୍ଷିତ ହୋଇଥିଲେ । ଶ୍ରୀ ଚୈତନ୍ୟଙ୍କର ଗମ୍ଭୀରା ଭିତରେ ଅବସ୍ଥାନର ସୂଚନା ଏହି ସାନ୍ନିଧ୍ୟକୁ ଅଧିକ ନିବିଡ଼ତର କରିଥିଲା । ଶ୍ରୀଚୈତନ୍ୟଙ୍କୁ ସାନ୍ନିଧ ଦେବା ପାଇଁ ଗଜପତି ପତାପରୁଦ୍ରଙ୍କ ନିର୍ଦ୍ଦେଶକ୍ରମେ ରାୟ ରାମାନନ୍ଦ ଶ୍ରୀକ୍ଷେତ୍ରରେ (ଜଗନ୍ନାଥ ବଲ୍ଲଭ ମଠରେ) ଅବସ୍ଥାନ କରିଥିଲେ । ବଡ଼ଦାଣ୍ଡରେ ଶ୍ରୀଜଗନ୍ନାଥ ବଲ୍ଲଭ ମଠ ଥିଲା ରାୟ ରାମାନନ୍ଦଙ୍କ ନିବାସ ସ୍ଥଳୀ । ଏହି ଜଗନ୍ନାଥ ବଲ୍ଲଭ ମଠ ବିଷୟରେ ଗଙ୍ଗବଂଶୀ ସମ୍ରାଟ ଅନିୟଙ୍କଭୀମ ଦେବ ଶ୍ରୀ ପୁରୁଷୋତ୍ତମପୁରରେ ଦେଉଳ ଦୁଇ ପାଖରେ ବଳଭଦ୍ର ପୁର ଓ ଜଗନ୍ନାଥ ପୁର କରି ଦୁଇ ଶାସନ ବସାଇବା କଥା'' ମାଦଳାପାଞ୍ଜିରୁ ଜଣାଯାଏ । ପରେ ଏହି ବଳଭଦ୍ର ପୁର ଓ ଏହାର ଶେଷ ଭାଗରେ ଥିବା ବିରାଟ ପୁଷ୍କରିଣୀ ଯଥାକ୍ରମେ ବଳଭଦ୍ର ଗଳି ଓ ପୋଖରିଆ ବସତିରେ ରୂପାନ୍ତରିତ ହେବା ସହିତ ଜଗନ୍ନାଥ ପୁର ସମୟ କ୍ରମେ ଜଗନ୍ନାଥ ବଲ୍ଲଭ ଉପବନରେ ନାମିତ ହେବା ଓ ପରେ ଜଗନ୍ନାଥ ବଲ୍ଲଭ ମଠରେ ପରିଣତ ହୋଇଥିବା ସମ୍ଭବ । ସୂର୍ଯ୍ୟବଂଶୀ ସମ୍ରାଟ ପ୍ରତାପରୁଦ୍ର ଦେବ ଏହି ଜଗନ୍ନାଥ ବଲ୍ଲଭ ମଠ ରାୟ ରାମାନନ୍ଦଙ୍କୁ ପ୍ରଦାନ କରିଥିବାର ପ୍ରମାଣ ମିଳେ । ନିର୍ବିକାର ଚିତ୍ତ ରାୟ ରାମାନନ୍ଦ ଏଠାରେ ରହି ଉଜ୍ଜ୍ୱଳ ରସାଶ୍ରୟୀ, ଗୀତଗୋବିନ୍ଦ ପରମ୍ପରା ଅନୁସୃତ ସଂସ୍କୃତ ଭାଷାରେ ରଚିତ 'ଜଗନ୍ନାଥ ବଲ୍ଲଭ' ନାଟକ ତଥା ନୃତ୍ୟ ଗୀତାଦି ସାନି ସଂପ୍ରଦାୟର ଦେବଦାସୀ ଓ ମାହାରୀମାନଙ୍କୁ ଶିକ୍ଷା ଦେଉଥିଲେ । ଏହି ଦେବଦାସୀ ବା ମାହାରୀ (ମହାନାରୀ) ମାନେ ପ୍ରସିଦ୍ଧ ତାନ୍ତ୍ରିକ 'ଶାବର ବିଦ୍ୟାରେ ପରିପୂର୍ଣ୍ଣ' ବହୁ ଯନ୍ତ୍ର ମନ୍ତ୍ରମାନ ଜାଣିଥିବା, ବେତାଳ ସାଧନା କରିଥିବା ବହୁ ହଠ ବିଦ୍ୟା ଓ ମନ୍ତ୍ରରେ ଭଣତି ଥିବା (ଗବେଷକ କୁଞ୍ଜ ବିହାରୀ ଦାଶ, କୃଷ୍ଣ ଚରଣ ସାହୁ ସଂଗ୍ରହ କରିଥିବା ମନ୍ତ୍ର ଅନୁଶୀଳନ ଅନୁସାରେ) ଗଙ୍ଗ ସମ୍ରାଟ ଚୋଡ଼ଗଙ୍ଗ ଦେବଙ୍କ ଦ୍ୱାରା ପ୍ରତିଷ୍ଠିତ ଚୁଡ଼ଙ୍ଗ ସାହି (ଜଗନ୍ନାଥ ବଲ୍ଲଭ ମଠର ନିକଟସ୍ଥ) ରୁ ଆସି ଏହି ନୃତ୍ୟ ଗୀତ ଆଦି ଜଗନ୍ନାଥ ବଲ୍ଲଭ ଭିତରେ ଶିକ୍ଷା କରୁଥିଲେ । ଲୋକ ଶ୍ରୁତିରୁ ଜଣାଯାଏ, ଚୋଡ଼ଗଙ୍ଗ ଦେବ ସ୍ୱ ବାମମାର୍ଗୀ ତନ୍ତ୍ର ସାଧନା (ମୁଦ୍ରା, ମୈଥୁନ ଆଦି) ଲାଗି ଏଠାରେ ନାରୀ ଶକ୍ତି ମାନଙ୍କୁ ରଖାଇଥିଲେ । ଧନୁଶରଧାରୀ, ବାମପାଦ ଭୂମିନିପାତିତ ଚୋଡ଼ଗଙ୍ଗ ଦେବଙ୍କ ବାମପାର୍ଶ୍ୱରେ ଦଣ୍ଡଛତ୍ର ଓ ଦକ୍ଷିଣ ପାର୍ଶ୍ୱରେ ଚାମର ସେବାରତ ସେବକ ପରିବେଷ୍ଟିତ ହୋଇଥିବାର ଏକ ବିଗ୍ରହ ଚୁଡ଼ଙ୍ଗ ସାହିର ବଡୁ ମହାପାତ୍ର ଜାଗାରେ (ଶ୍ରୀ ଜଗନ୍ନାଥ ବଲ୍ଲଭର ପଶ୍ଚିମ ଦକ୍ଷିଣ କୋଣରେ) ଏବେ ମଧ ଉପାସିତ । ଏହି ଚୋଡ଼ଗଙ୍ଗ ଦେବଙ୍କ ନାମରେ ପୁରୀରେ ଥିବା ଏକ ହ୍ରଦ ବର୍ତ୍ତମାନ ଅବଲୁପ୍ତ ପ୍ରାୟ । ଚୋଡ଼ଗଙ୍ଗ ଦେବଙ୍କ ପାଇଁ ଏକଦା 'ଚୁଡ଼ଙ୍ଗ ତାଟ' ପ୍ରଦତ୍ତ ହେଉଥିବା କଥା ମନ୍ଦିର କର୍ମାଙ୍ଗୀରୁ ଜଣାପଡ଼େ । ମାଦଳାପାଞ୍ଜି ବିବରଣୀ ଅନୁସାରେ ଚୋଡ଼ଗଙ୍ଗ ଦେବଙ୍କୁ ବାହ୍ମଣ ବାସୁଦେବ ରଥ ସ୍ୱ ଅପମାନର ପ୍ରତିଶୋଧ ନେବା ପାଇଁ ଦାକ୍ଷିଣାତ୍ୟରୁ ଆଣି ନିତେଇ ଧୋବଣୀ, ପିତେଇ ଶଉରୁଣୀ ପ୍ରଭୃତି ବହୁ ରହସ୍ୟମୟୀ ତନ୍ତ୍ରସାଧିକାଙ୍କ ସହାୟତାରେ ଓଡ଼ିଶା ଅଧିକାର ଓ ପ୍ରତିଷ୍ଠା କରାଇଥିବାର ଜଣାପଡ଼େ । ଶ୍ରୀ ଚୋଡ଼ଗଙ୍ଗ ଦେବ ଅତ୍ୟନ୍ତ ସଂଯମନିଷ୍ଠ ଜୀବନ ଯାପନ କରୁଥିବାର ଜଣାଯାଏ ।

ବଡୁ ଶବ୍ଦର ଗୋଟିଏ ଅର୍ଥ ହେଉଛି ବ୍ରହ୍ମଚାରୀ । ଲୋକ ଚଳଣୀରେ ବ୍ରାହ୍ମଣ ଘରେ ବ୍ରହ୍ମଚାରୀ ବ୍ରତ ଧାରଣ କରି ଗୁରୁକୁଳକୁ ଅଧ୍ୟୟନ କରି ଯିବାକୁ 'ବଡୁଘର' କହନ୍ତି । ବଙ୍ଗଳାରେ ମଧ 'ବ୍ରହ୍ମଚାରୀ' ଅର୍ଥରେ 'ବଡୁ' ଶବ୍ଦ ବ୍ୟବହୃତ ହୋଇଥାଏ । ତେଣୁ ବଡୁ ମହାପାତ୍ର ଜାଗାରେ ଚୋଡ଼ଗଙ୍ଗ ଦେବଙ୍କ ଉପାସନା ତାଙ୍କର ବ୍ରହ୍ମଚର୍ଯ୍ୟ ଭିତ୍ତିକ ତନ୍ତ୍ର ସାଧନା ତତ୍ତ୍ୱକୁ ଆହୁରି ପ୍ରତିଷ୍ଠା କରେ । ଏହି ବ୍ରହ୍ମଚର୍ଯ୍ୟ ପରମ୍ପରା ସମାଜର ଅସ୍ଥି ମଜ୍ଜାଗତ ହୋଇ ଯାଇଥିଲା, ଯାହା ଷୋଡ଼ଶ ଶତାବ୍ଦୀର ରାୟ ରାମାନନ୍ଦଙ୍କ ସମୟ ପର୍ଯ୍ୟନ୍ତ ପ୍ରବାହିତ ହୋଇଥିବା ସମ୍ଭବ ।

ଦାକ୍ଷିଣାତ୍ୟରୁ ଆନୀତ ଏହି ମାହାରୀ ପରମ୍ପରା

ମାଧ୍ୟମରେ ରାୟ ରାମାନନ୍ଦ ରାଧାକୃଷ୍ଣ ଲୀଳାର ପ୍ରଚାର ପ୍ରସାର ଲାଗି ଶ୍ରୀଜଗନ୍ନାଥ ବଲ୍ଲଭ ମଠର ମଧ୍ୟଖଣ୍ଡ (ସମାଧି ପୋଖରୀର ସାମାନ୍ୟ ଆଗକୁ) ବ୍ୟବହାର କରୁଥିବାର ଅନୁମାନ କରାଯାଇପାରେ । ରାୟ ରାମାନନ୍ଦ ଦେବଦାସୀମାନଙ୍କର 'ଅଭ୍ୟଙ୍ଗ ମର୍ଦ୍ଦନ' କର୍ମ ସହିତ

**ସ୍ୱହସ୍ତେ ପରାନ ବସ୍ତ୍ର ସର୍ବାଙ୍ଗ ମଣ୍ଡନ ।**
**ତବୁ ନିର୍ବିକାର ରାୟ ରାମାନନ୍ଦେର ମନ ॥**

ପରବର୍ତ୍ତୀ ଅବସ୍ଥାରେ ଏହି ମାହାରୀ ବା ଦେବଦାସୀ ପ୍ରଥାକୁ ଅଧିକ ସଂଯତ, ଶୃଙ୍ଖଳିତ କରିବାକୁ 'ଦୋସନ୍ଧି ପରିଛା ନିଯୋଗ' ଶ୍ରୀମନ୍ଦିରରେ ସୃଷ୍ଟି ହୋଇଥିବା ସମ୍ଭବ ।

ରାୟ ରାମାନନ୍ଦ ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ନିର୍ଦ୍ଦିଷ୍ଟ ଭାବେ କେଉଁ ସ୍ଥାନରେ ରହୁଥିଲେ (ତାଙ୍କ ବାସ ପ୍ରକୋଷ୍ଠ କେଉଁଠାରେ ଥିଲା), ଏ ବିଷୟରେ ଭିନ୍ନ ଭିନ୍ନ ମତ ଦେଖାଯାଏ । ତେବେ ବର୍ତ୍ତମାନର ପରିସ୍ଥିତିକୁ ପର୍ଯ୍ୟବେକ୍ଷଣ କରି ଅତୀତର କେତେକ ସୂତ୍ରକୁ ଭିତ୍ତିକରି ତାଙ୍କ ବାସ ପ୍ରକୋଷ୍ଠ ଆବିଷ୍କାର କରାଯାଇ ପାରେ ।

ସଂପ୍ରତି ମଠର ଝୁଲଣ ମଣ୍ଡପ ଓ ମଠର କାର୍ଯ୍ୟାଳୟ ପାଖାପାଖି ଅବସ୍ଥିତ । ଏହାର ଠିକ୍ ସାମନାରେ ଅଗଣା ଓ ଅଗଣାକୁ ଲାଗି ପ୍ରାୟ ତିନିଫୁଟ ଉଚ୍ଚ ବାରଣ୍ଡା ଓ ବାରଣ୍ଡା ସଂଯୁକ୍ତ (ବାରଣ୍ଡା ସ୍ତରରୁ ଶ୍ରୀଜଗନ୍ନାଥ ପ୍ରଭୃତି ଉପାସିତ ହେଉଥିବା ଅପେକ୍ଷାକୃତ ବଡ଼ ପ୍ରକୋଷ୍ଠଟିର ଚଟାଣ ବାରଣ୍ଡା ଠାରୁ ନୀଚ ଭୂମିପତ୍ତନରେ ଅବସ୍ଥିତ) ପ୍ରଥମ ପ୍ରକୋଷ୍ଠରେ (ବାରଣ୍ଡାକୁ ପଥର ପାହାଚରେ ଉଠିବା ବେଳେ ପଥର ପାହାଚ ସମ୍ମୁଖସ୍ଥ ଉପାସନା ଗୃହ) ସନ୍ତାନ ଗୋପାଳ (ଏ ନାମ ବର୍ତ୍ତମାନର ପୂଜକ ଅକ୍ଷୟ ରଥ ଏ ଲେଖକକୁ କହିଛନ୍ତି) ତ୍ରିଭଙ୍ଗୀ ଠାଣିରେ ବିରଜମାନ । ଏହାଙ୍କ ବକ୍ଷ ଭାଗରେ ଦୁଇ ହାତରେ ରୂପାର ବଂଶୀ, ଉର୍ଦ୍ଧ୍ୱ ଦୁଇ ହାତରେ ଶଙ୍ଖ (ବାମ) ଓ ଚକ୍ର (ଦକ୍ଷିଣ), ମସ୍ତକରେ ସପ୍ତଫେଣୀ ନାଗ ଶୋଭିତ । ଏହା ରାମାନନ୍ଦଙ୍କ ଅର୍ଚ୍ଚିତ ବିଗ୍ରହ ବୋଲି ବର୍ତ୍ତମାନ ପୂଜକ ଅକ୍ଷୟ ରଥ ମତ ଦିଅନ୍ତି । ମାତ୍ର ଏହି ବିଗ୍ରହ ରାମାନନ୍ଦଙ୍କ ଦ୍ୱାରା ପ୍ରତିଷ୍ଠିତ ନା ନାହିଁ, ତାହା ଜଣା ପଡ଼େ ନାହିଁ । ଏ ବିଗ୍ରହରେ ଶ୍ରୀକୃଷ୍ଣ, ଶ୍ରୀ ନାରାୟଣ ଓ ଶ୍ରୀ ଅନନ୍ତଙ୍କ (ମସ୍ତକରେ ସପ୍ତଫେଣୀ ନାଗ ଶୋଭିତ) ଆୟୁଧ ଓ ତତ୍ତ୍ୱର ସମନ୍ୱୟ ଘଟିଛି । ଏହି ଏକକ ବିଗ୍ରହର ଉଗ୍ରତାପ ପ୍ରଶମନ କରିବାକୁ ପରେ ଶ୍ରୀରାଧା (ବାମ ପାର୍ଶ୍ୱରେ) ଓ ଲଳିତା (ଦକ୍ଷିଣ ପାର୍ଶ୍ୱରେ) ସ୍ଥାପନା କରାଯାଇଛି ବୋଲି ପୂଜକ ରଥ ମତ ଦିଅନ୍ତି ।

ବନାରସରୁ ଆସିଥିବା ଜନୈକ ସାଧୁଙ୍କ ଠାରେ ଥିବା ଏକ ଗ୍ରନ୍ଥରୁ ସଂଗୃହୀତ ନିମ୍ନ ଶ୍ଳୋକକୁ ଭିତ୍ତି କରି ଏହି ବିଗ୍ରହର ନାମ ସନ୍ତାନ ଗୋପାଳ ଥିଲା ବୋଲି ଶ୍ରୀ ରଥ ମତ ଦିଅନ୍ତି ।

**ଦ୍ୱାଭ୍ୟାଂ କରାଭ୍ୟାଂ ଧୃତଶଙ୍ଖଚକ୍ରଂ ଦ୍ୱାଭ୍ୟାଂ କରାଭ୍ୟାଂ ମୁରଲୀଂ ଦଧାନମ୍**
**ସଂଦୀପନେ ପୁତ୍ରନ୍ ଅନୁଦାଭ୍ୟାଂ, ସନ୍ତାନ ଗୋପାଳ ମହଂ ପ୍ରପଦ୍ୟେ**

ସନ୍ତାନ ଗୋପାଳ ପୂଜା ପାଉଥିବା ପ୍ରକୋଷ୍ଠରେ ଏକ କ୍ଷୁଦ୍ର ପିତ୍ତଳ ଖଟୁଲିରେ ବକ୍ଷରେ କେଶର ଚିହ୍ନିତ ଓ ହରିମନ୍ଦିର ଚିତା ଶୋଭିତ ଶ୍ରୀଲକ୍ଷ୍ମୀ ନୃସିଂହ ଶାଳଗ୍ରାମ ଓ ଅନ୍ୟ ଏକ ବିଗ୍ରହ ବା ନାରାୟଣ ଶିଳା ଶାଳଗ୍ରାମ ଶ୍ରୀରଘୁନାଥ ନାମରେ ଉପାସିତ ହେଉଛନ୍ତି ।

ଏହି ପ୍ରକୋଷ୍ଠର ସଂଲଗ୍ନ ଅନ୍ୟ ଏକ ପ୍ରକୋଷ୍ଠରେ ମୁହାଁମୁହିଁ ଦକ୍ଷିଣ ଭାଗରେ ଶ୍ରୀଚୈତନ୍ୟ ଓ ବାମ ଭାଗରେ ରାୟ ରାମାନନ୍ଦଙ୍କ ବିଗ୍ରହ ସ୍ଥାପିତ ଓ ଉପାସିତ । ଏମାନଙ୍କ ପୃଷ୍ଠଭାଗ କାନ୍ଥରେ ରାକା ରଜନୀ, ଆକାଶରେ ପୂର୍ଣ୍ଣଚନ୍ଦ୍ର ଓ କଦମ୍ବ ଗଛ ମୂଳରେ ଏକ ପୂର୍ଣ୍ଣ କୁଟୀର ଚିତ୍ର ଅଙ୍କିତ । ଏହି କାନ୍ଥର ମଧ୍ୟଭାଗରେ ଥିବା ଠଣାରେ ଆନୁମାନିକ ଚଉଦ ଇଞ୍ଚ ଉଚ୍ଚ ଚତୁର୍ଭୁଜଧାରୀ ତାମ୍ରନିର୍ମିତ ପିତ୍ତଳ ପ୍ରଭାରେ ରୁନ୍ଧା ହୋଇଥିବା ନାରାୟଣ ପ୍ରତିମା ପୂଜା ପାଉଛନ୍ତି । ଏହି ପ୍ରତିମା ତଳେ ରାୟ ରାମାନନ୍ଦ ଓ ଶ୍ରୀଚୈତନ୍ୟଙ୍କର ମୂର୍ତ୍ତି ଆନୁମାନିକ ଦେଢ଼ଫୁଟ ଚଉଡ଼ା ପାଞ୍ଚଫୁଟ ଲମ୍ବା ସିମେଣ୍ଟ ପିଣ୍ଡିର ମଧ୍ୟସ୍ଥଳରେ ବସିବା ଭଙ୍ଗୀରେ ରହିଛି । ଏହି ଉଭୟ ମୂର୍ତ୍ତିଙ୍କର ମଧ୍ୟସ୍ଥଳୀରେ ୧୦ ଇଞ୍ଚ ଉଚ୍ଚ ହିରଣ୍ୟ ବିଦାରୀ ଶ୍ରୀନୃସିଂହ ଉପାସିତ ହେଉଛନ୍ତି । ଏହି ପିଣ୍ଡିର ବାମପଟେ ଏକ କାଠ ଚଉକିର ସାମ୍ନା ଦୁଇ ଗୋଡ଼କୁ ଧରି ରଖିଥିବା ଉପର ପଟ ବାହି ଓ ପଛପଟରେ କାନ୍ଧ ଆଉଜିବାକୁ ଥିବା କାଠ ବାହି ଉପରେ ରୂପା ଛାଉଣୀ ଓ ମଣି ଖଚିତ ହୋଇଛି ।

ମଠ ପ୍ରଶାସନ ଏହି ଚଉକି ବାବା ବ୍ରହ୍ମଚାରୀଙ୍କ (ଜଣେ ସନ୍ଥ ଯେ ଆନୁମାନିକ ବିଗତ ଶତାବ୍ଦୀରେ ମଠରେ ରହୁଥିଲେ) ଆସନ ବୋଲି କହନ୍ତି । ଏବେ ସୁନିଆ ଦିନ ଏ ଚଉକି ଉପରେ ଗଜପତିଙ୍କ ଆଜ୍ଞା ପତ୍ରିକା ଏବଂ ଗୁଆ ପ୍ରଭୃତି ରଖା ଯାଉଛି ବୋଲି ମଠ ପ୍ରଶାସନ ମତ ଦିଅନ୍ତି । ଦକ୍ଷିଣ ଦିଗରେ ଥିବା ତୃତୀୟ ଓ ଅନ୍ତିମ ପ୍ରକୋଷ୍ଠରେ ଅନ୍ତତଃ ସାଢ଼େ ଚାରିଫୁଟ ଉଚ୍ଚତାରେ ଥିବା ବେଦୀ । ଆସନ ଉପରେ ଶ୍ରୀବଳଭଦ୍ର ଆଦି ତ୍ରିମୂର୍ତ୍ତି ଓ ବହୁ ଧାତୁ ବିଗ୍ରହ,ଶାଳଗ୍ରାମ ସହିତ

ରାୟ ରାମାନନ୍ଦଙ୍କ ସ୍ଥାପିତ ଏବଂ ଉପାସିତ ଏକଫୁଟ ଉଚ୍ଚତାବିଶିଷ୍ଟ ଶ୍ରୀବଳଭଦ୍ର, ଶ୍ରୀଜଗନ୍ନାଥ ଓ ସୁଭଦ୍ରା ଦୃଶ୍ୟମାନ ହେଉଛନ୍ତି ।

ନିର୍ଦ୍ଦିଷ୍ଟ ଭାବେ ରାମାନନ୍ଦ ଜଗନ୍ନାଥ ବଲ୍ଲଭର କେଉଁ ସ୍ଥାନରେ ରହୁଥିଲେ, ସେ ନେଇ ବିଭିନ୍ନ ମତ ପ୍ରକାଶ ପାଉଛି । ବର୍ତ୍ତମାନ ଯେଉଁଠାରେ ରାୟ ରାମାନନ୍ଦ ଓ ଶ୍ରୀଚୈତନ୍ୟଙ୍କ ବିଗ୍ରହ ଉପାସିତ ହେଉଛନ୍ତି (ଦ୍ୱିତୀୟ ପ୍ରକୋଷ୍ଠ) ସେହି ସ୍ଥାନରେ ସେ ଷୋଡ଼ଶ ଶତାବ୍ଦୀରେ ରହୁଥିଲେ ବୋଲି କେତେକ ମତ ଦେଇଥାନ୍ତି । ମାତ୍ର ଏହି ତଥ୍ୟ ଏ ଲେଖକର ବିଶ୍ୱାସ ହେଉନାହିଁ । କାରଣ ଏହା ପୂର୍ବରୁ ଏ ଯୁଗଳ ବିଗ୍ରହ ବାହାର ଅଗଣାକୁ ଯିବା ଦ୍ୱାରା ସଂଲଗ୍ନ ଘରେ (ବର୍ତ୍ତମାନ ବଡ଼ଦ୍ୱାର) ଉପାସିତ ହେଉଥିଲେ ।ଏବେ ମଧ୍ୟ ଏହି ଅବ୍ୟବହୃତ କୋଠରୀ କାନ୍ଥରେ ରାକା ରଜନୀରେ ଚନ୍ଦ୍ରମା, କଦମ୍ବ ଗଛ, କୁଟୀର ପ୍ରଭୃତି ଚିତ୍ର ସହ ଉପାସନା ପିଣ୍ଡି ବିଦ୍ୟମାନ । ଏହି ଗୃହର ସଂଲଗ୍ନ ପ୍ରକୋଷ୍ଠରେ ଦାରୁମୂର୍ତ୍ତି ଶ୍ରୀଜଗନ୍ନାଥ ଆଦି (ଯାହା ଏବେ ତୃତୀୟ ଘରେ ଉପାସିତ ହେଉଛନ୍ତି) ଏକଦା ଉପାସିତ ହେଉଥିବାର ପ୍ରମାଣ ଅଦ୍ୟାବଧି ରହିଛି । ଦ୍ୱାରକୁ ଲାଗି ଯେଉଁ ପ୍ରକୋଷ୍ଠ ଅଛି, ସେଠାରେ ରାୟ ରାମାନନ୍ଦ ରହୁଥିବା ଅଧିକ ସମ୍ଭବ ମନେହୁଏ । ପୂର୍ବରୁ ରାୟ ରାମାନନ୍ଦ ଓ ଶ୍ରୀଚୈତନ୍ୟ ଉପାସିତ ହେଉଥିବା ଗୃହ ଏକ ପୁରୁଣାକାଳିଆ କଡ଼ି ବରଗା ପଡ଼ିଥିବା କୋଠାଘର । ଚିତ୍ରରେ ଅଙ୍କିତ ପର୍ଣ୍ଣ କୁଟୀର ଭଳି ହୁଏତ ପୂର୍ବରୁ ଗୃହୀ ସନ୍ୟାସୀ ରାମାନନ୍ଦ ରହିବା ଲାଗି ଏହା ଏକ ପର୍ଣ୍ଣ କୁଟୀର ଥିଲା । ରାୟ ରାମାନନ୍ଦ, ଚୈତନ୍ୟ ତଥା ଅନ୍ୟ ପାର୍ଷଦ ଭକ୍ତମାନେ ଦାଣ୍ଡରୁ ଆସି ପ୍ରବେଶ ପଥରେ ଥିବା ଦ୍ୱାର ସଂଲଗ୍ନ ପ୍ରକୋଷ୍ଠରେ ମିଳିତ ହେଉଥିଲେ ।ଏହାର ସଂଲଗ୍ନ ପ୍ରକୋଷ୍ଠ ରାମାନନ୍ଦଙ୍କର ଉପାସନା କକ୍ଷ ଥିଲା । ସମୟ କ୍ରମେ ଏହି ପର୍ଣ୍ଣ କୁଟୀରଟି ପରିବର୍ତ୍ତିତ ହୋଇଛି ଓ ଏଠାରେ କଡ଼ି ବରଗା ପଡ଼ିଥିବା କୋଠାଘରଟିଏ ନିର୍ମିତ ହୋଇଛି । ବହୁ ପରବର୍ତ୍ତୀ କାଳରେ । ରାମାନନ୍ଦ ରହୁଥିବା ପ୍ରକୋଷ୍ଠ ସଂଲଗ୍ନ ଦ୍ୱାରଟିରେ ମଧ୍ୟ ଏକଦା କ୍ଷୁଦ୍ର ବା ସାଧାରଣ କବାଟଟିଏ ଥିବାର ଅନୁମାନ କରାଯାଇପାରେ । ପରେ ବିଭିନ୍ନ କାରଣରୁ (ଶତ୍ରୁ ଆକ୍ରମଣ, ଭକ୍ତଙ୍କ ଇଚ୍ଛା, ସମୟର ଆବଶ୍ୟକତା) ଏଠାରେ ଏକ ବିରାଟ ଦ୍ୱାର ଲାଗିଛି । ତେବେ ପୂର୍ବରୁ ରାୟରାମାନନ୍ଦ ଓ ଚୈତନ୍ୟ ଉପାସିତ ହେଉଥିବା (ଯେଉଁଠାରେ ଶ୍ରୀ ରାମାନନ୍ଦ ରହୁଥିଲେ) ପ୍ରକୋଷ୍ଠର ଦ୍ୱାର ଅପେକ୍ଷାକୃତ ଛୋଟଥିଲା । ଯଦିଓ ଦ୍ୱାରର କବାଟ ଆଦି ବହୁଥର ପରିବର୍ତ୍ତିତ ହୋଇଥିବ, ତଥାପି ଦ୍ୱାରର କାନ୍ଥ ଓ କବାଟର ଆକାର ବଦଳାଯାଇ ନଥିବା ଅନୁମିତ ହୁଏ । ଶ୍ରୀକ୍ଷେତ୍ର ତଥା ଏହି ଅଞ୍ଚଳରେ ପ୍ରଚଳିତ ସ୍ଥାପତ୍ୟ ଦୃଷ୍ଟିରୁ ସାଧାରଣ ଘର ଗୁଡ଼ିକ କମ୍ ଉଚ୍ଚତା ବିଶିଷ୍ଟ ଓ ଏହାର କାନ୍ଥ ପଥର ନିର୍ମିତ । ବର୍ତ୍ତମାନ ସୁଦ୍ଧା ଅପରିବର୍ତ୍ତିତ ତଥା ଅକ୍ଷତ ଥିବା ସହରର ସଂଭ୍ରାନ୍ତ ପରିବାର (ସାହି ନାହାକ, ବରିଷ୍ଠ ସେବାୟତ ବକ୍ସି ପ୍ରଭୃତିଙ୍କର) ଘର ଗୁଡ଼ିକର ଦ୍ୱାର ନବ ନିର୍ମିତ ଗୃହ ଅପେକ୍ଷା କମ ଉଚ୍ଚ ଓ ଦ୍ୱାର ଖିଲାଣ ବିଶିଷ୍ଟ । ଏହି ଦ୍ୱାର ମାନଙ୍କର ନିର୍ମାଣ ଶୈଳୀ ମଧ୍ୟ ପାରମ୍ପରିକ ଓ ବର୍ତ୍ତମାନର ନିର୍ମାଣ ଶୈଳୀ ଠାରୁ ଭିନ୍ନ । ସତ୍ୟବାଦୀ ବନ ବିଦ୍ୟାଳୟ ପରିସର ମଧ୍ୟରେ ଥିବା ପ୍ରାଚୀନ ଛାତ୍ରାବାସ, ଏଭଳିକି ପଣ୍ଡିତ ଗୋପବଂଧୁ ପ୍ରାଣତ୍ୟାଗ କରିଥିବା ଗୃହ ଓ ଏହାର ଦ୍ୱାରର ନିର୍ମାଣ ପ୍ରଣାଳୀ ତଥା ଗୃହର ଉଚ୍ଚତା ଆଦିକୁ ଲକ୍ଷ୍ୟ କଲେ ଏହି ସିଦ୍ଧାନ୍ତର ଯଥାର୍ଥତା ଅନୁମିତ ହୁଏ ।ଏହାଛଡ଼ା ତତ୍‌କାଳୀନ ସାମାଜିକ ଚଳଣୀ ଦିଗରୁ, ବାହାରୁ ପ୍ରବେଶ କଲେ ବହିଁଆଗତ ଲୋକେ ହସ୍ତ ପଦ ପ୍ରକ୍ଷାଳନ କରି ଗୃହକୁ ପ୍ରବେଶ କରିଥାନ୍ତି । ଯଦି ରାମାନନ୍ଦଙ୍କ ରହିବା ପ୍ରକୋଷ୍ଠ ପୂର୍ବରୁ ତାଙ୍କ ଦିଅଁ ଘର ଥାନ୍ତା, ତେବେ ରାମାନନ୍ଦ ବେଶ ବାସ ପରିବର୍ତ୍ତନ, ହସ୍ତ ପଦ ଧୌତ ନକରି ବିଶେଷତଃ ଦିଅଁ ଘରକୁ ଅତିକ୍ରମ କରି ସ୍ୱ ପ୍ରକୋଷ୍ଠକୁ ଯାଇ ନଥାନ୍ତେ । ତେଣୁ ଯେତେଦୂର ଅନୁମାନ, ପ୍ରବେଶ ପଥ (ଦ୍ୱାର) ସଂଲଗ୍ନ ପୂର୍ବରୁ ଶ୍ରୀ ଚୈତନ୍ୟ ଓ ରାୟ ରାମାନନ୍ଦ ପୂଜା ପାଉଥିବା ପ୍ରକୋଷ୍ଠଟି ରାମାନନ୍ଦଙ୍କ ବାସସ୍ଥାନ ଥିଲା । ଏହାଛଡ଼ା ଉପାସନା କକ୍ଷ ତାଙ୍କ ରହିବା କକ୍ଷ ସନ୍ନିକଟ ଥିବା ବିଧେୟ । ରାମାନନ୍ଦଙ୍କ ପ୍ରତିଷ୍ଠିତ ଓ ଉପାସିତ ତିନି କ୍ଷୁଦ୍ରକାୟ ଦାରୁ ବିଗ୍ରହ ତଥା ଅନ୍ୟାନ୍ୟ ବିଗ୍ରହ ଓ ଶାଳଗ୍ରାମ (ଯାହା ବର୍ତ୍ତମାନ ସନ୍ତାନ ଗୋପାଳ ଓ ରାୟ ରାମାନନ୍ଦ, ଚୈତନ୍ୟ ଉପାସିତ କୋଠରୀରେ ପୂଜା ପାଉଛନ୍ତି) ଏ ସମସ୍ତ ରାମାନନ୍ଦଙ୍କ ଉପାସନା ପ୍ରକୋଷ୍ଠରେ ସ୍ଥାନିତ ଓ ଉପାସିତ ହେଉଥିବା ସମ୍ଭବ । କାରଣ ରାୟ ରାମାନନ୍ଦଙ୍କ ଜୀବିତ ଅବସ୍ଥାରେ ତାଙ୍କର ଓ ଶ୍ରୀ ଚୈତନ୍ୟଙ୍କର ବିଗ୍ରହ ନିର୍ମିତ, ପ୍ରତିଷ୍ଠିତ ଓ ଉପାସିତ ହେଉଥିବା ସମ୍ଭବ ନୁହେଁ । ରାୟ ରାମାନନ୍ଦଙ୍କ ତିରୋଧାନର କିଛି ବର୍ଷ ପରେ ତାଙ୍କ ରହୁଥିବା ପର୍ଣ୍ଣକୁଟୀର ମାଟିରେ ମିଶିଯିବା ପରେ ତା'ର ସ୍ମାରକୀ ରୂପେ ଏହି ମହତ୍ ସ୍ଥାନରେ ଏକ ପକ୍କା ପ୍ରକୋଷ୍ଠ ନିର୍ମାଣ କାର୍ଯ୍ୟ ସନ୍ଥ ମହନ୍ତମାନେ କରି ରାମାନନ୍ଦ ଓ ଚୈତନ୍ୟଙ୍କ ପ୍ରତିମୂର୍ତ୍ତି ସ୍ଥାପନା କରି

ଉଭୟଙ୍କର ଉପାସନା କରିଥିବେ ଓ ନିକଟସ୍ଥ ରାମାନନ୍ଦଙ୍କ ଦିଅଁଘରେ ପୂର୍ବଭଳି ଦେବତା ଉପାସନା ହେଉଥିବ ।

ବର୍ତ୍ତମାନ ଦେବତା ଉପାସନା ଗୃହ ତିନୋଟିର ନିର୍ମାଣ ଶୈଳୀରେ କିଂଚିତ୍ ଆଧୁନିକତାର ସ୍ୱରୂପ ଦେଖିବାକୁ ମିଳେ । ଏହି ଘରର ଦ୍ୱାରରେ ଲୁହା ଗ୍ରୀଲ ଲାଗିଛି । ତା'ପଛରେ କାଠର କବାଟ ସବୁ ଲାଗିଛି । ଏହି ତିନୋଟି ପ୍ରକୋଷ୍ଠର କାନ୍ଥ, ଯେଉଁଥିରେ ଦ୍ୱାର ଲାଗିଛି, ତାହା ଖୁବ୍ ମଜବୁତ ଓ ରାଜା, ସଂଭ୍ରାନ୍ତ ବଂଶୀୟ ଲୋକ ବା ମଠ ମନ୍ଦିରମାନଙ୍କରେ ବ୍ୟବହୃତ ହେଉଥିବା ଦ୍ୱାର ବନ୍ଧ ଭଳି ଖିଲଣାକୃତି । ଏହି ଦ୍ୱାର ଦୁଇ ପାର୍ଶ୍ୱରେ ସୁରମ୍ୟ ପ୍ରସ୍ତର ସ୍ତମ୍ଭ ରହିଛି । ତେଣୁ ଜଣେ ଗୃହୀ ସନ୍ୟାସୀ ଏଭଳି ରମଣୀୟ ପ୍ରାସାଦ ସଦୃଶ ପ୍ରକୋଷ୍ଠରେ ଯଦି ରହିଥାନ୍ତେ, ତେବେ ପୃଷ୍ଠ ଭାଗରେ ଅଙ୍କିତ ପର୍ଣ୍ଣ କୁଟୀର ଚିତ୍ର ସ୍ଥାନରେ ଏକ ପ୍ରାସାଦ ଚିତ୍ର ଅଂକିତ ହୋଇଥାନ୍ତା । ତେଣୁ ଅନ୍ୟ ନିର୍ଦ୍ଦିଷ୍ଟ ପ୍ରମାଣ ନମିଳିବା ଯାଏ ଆପାତତଃ ଏହି ଅନୁମାନ ପ୍ରମାଣକୁ ଭିତ୍ତି କରି ଶ୍ରୀଜଗନ୍ନାଥ ବଲ୍ଲଭ ମଠରେ ପୂର୍ବରୁ ଶ୍ରୀଚୈତନ୍ୟ ଓ ରାମାନନ୍ଦ ପୂଜା ପାଉଥିବା ଦ୍ୱାର ସଂଲଗ୍ନ ପ୍ରକୋଷ୍ଠରେ ଶ୍ରୀ ରାମାନନ୍ଦ ରହୁଥିବାର ଅନୁମାନ କରାଯାଇ ପାରେ ।

ଶ୍ରୀ ଚୈତନ୍ୟଙ୍କର ଶ୍ରୀକ୍ଷେତ୍ରରେ ଶ୍ରୀମନ୍ଦିର ଥିଲା ନିତ୍ୟ ବୃନ୍ଦାବନର ନିଧୁବନ ଓ ଶ୍ରୀଜଗନ୍ନାଥ ଥିଲେ ତାଙ୍କର ମହାନାୟକ ଶ୍ରୀକୃଷ୍ଣ । ନିତି ପ୍ରତି ତାଙ୍କର ଦର୍ଶନ ତାଙ୍କ ଜୀବନକୁ ରସସ୍ନିଗ୍ଧ କରୁଥିଲା । ଶ୍ରୀମନ୍ଦିର ଗରୁଡ଼ ଖମ୍ବ ପଛ ବାମ ଭାଗରେ ଠିଆ ହୋଇ ପ୍ରେମିକା ପ୍ରେମିକକୁ କଣେଇଁ ଚାହିଁଲା ଭଳି ଏହି ମହାଭାବ ସ୍ୱରୂପା ନିତ୍ୟତରୁଣୀ ଅନନ୍ତ ପ୍ରେମର ଆଧାର ସ୍ୱରୂପ ନିତ୍ୟ କିଶୋରରାଜ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ । ଯେଉଁଠାରେ ଠିଆ ହୋଇ ସେ ଦର୍ଶନ କରୁଥିଲେ, ଏବେ ମଧ୍ୟ ଭୋଗ ମଣ୍ଡପ ଦ୍ୱାରପାଳ ଜୟଙ୍କ ପାର୍ଶ୍ୱ କାନ୍ଥରେ (ବାମ ଭାଗରେ) ତିନୋଟି ସ୍ଥାନରେ ସାମାନ୍ୟ ଗାତ ହେବା ଭଳି ଦେଖାଯାଏ । ଯାହାକୁ 'ଗୌରାଙ୍ଗଙ୍କର ଆଙ୍ଗୁଳି ଛାପ' ବୋଲି ଯାତ୍ରୀମାନଙ୍କୁ ପଣ୍ଡା ପ୍ରତିହାରୀମାନେ କହିଥାନ୍ତି । ବୈଷ୍ଣବମାନଙ୍କ ମତରେ ଯେଉଁ ସ୍ଥାନରେ ଶ୍ରୀଚୈତନ୍ୟ ଠିଆ ହୋଇ ବାମ ପାର୍ଶ୍ୱ ସ୍ତମ୍ଭରେ ହାତ ଦେଇ ଶ୍ରୀଜଗନ୍ନାଥଙ୍କୁ ଦର୍ଶନ କରୁଥିଲେ, ସେଠାରେ ଅତ୍ୟଧିକ ଭକ୍ତି ଯୋଗୁଁ (ପାଷାଣ ହୋଇଲା ପାଣି ପବନ ବହେ ଉଜାଣି-ସାଲବେଗ) ପାଷାଣ ବିଗଳିତ ହୋଇ ତାଙ୍କ ହସ୍ତ ଓ ଭୂମିରେ ପାଦଚିହ୍ନକୁ ସ୍ୱ ଅଙ୍ଗରେ ଧାରଣ କରିଥିଲା । ଏହି ପାଦଚିହ୍ନ ଉପରେ କାଳେ ଅନ୍ୟ କାହାର ପାଦ ପଡ଼ିଯିବ, ଏହି ଆଶଂକାରେ ଏହି ପାଦଚିହ୍ନକୁ ଆଣି କୋଇଲି ବୈକୁଣ୍ଠ ଯିବା ବାଟରେ ଡ଼ାହାଣ ପଟେ ଥିବା ଏକ କ୍ଷୁଦ୍ର ମନ୍ଦିରରେ ସ୍ଥାପନ କରାଯାଇଛି । ଏହିଭଳି ଏକ ବିଗଳିତ ହୋଇଥିବା ପ୍ରସ୍ତର ଖଣ୍ଡ ନହରପଦା ସନ୍ନିକଟ ଅଲବାରନାଥ ବା ଅଲାରନାଥ ମନ୍ଦିର ପରିସର ଭିତରେ ମଧ୍ୟ ରହିଛି । ଏହି ନହରପଦାରେ ଥିବା ଅଲବାରନାଥ ବିଗ୍ରହ ଗଦା ପଦ୍ମ ଶୋଭିତ ଚତୁର୍ଭୁଜଧାରୀ ନାରାୟଣ ବିଗ୍ରହ । ଏହା ଅଲବାର ପନ୍ଥୀ ସାଧୁମାନଙ୍କ ଦ୍ୱାରା ସ୍ଥାପିତ ବୋଲି ଗବେଷକମାନେ କହନ୍ତି ।

ଏହି ବିଗ୍ରହ କୌଣସି ରାଜନବରର ରାଜା ବା ରୋଡ଼ଙ୍ଗ ବକ୍ସି ପ୍ରଭୃତିଙ୍କ ଉପାସ୍ୟ ଦେବତା ଥିବାର ଓ ଏହି ଦେବତାଙ୍କୁ ପଦା, ନହରପଦା ବା ନହରର ବର୍ହିଭାଗରେ ଥିବା ପଦା ପଡ଼ିଆରେ ସ୍ଥାପନ କରାଯାଇଛି । ଶ୍ରୀ ଚୈତନ୍ୟ ଅନବସର କାଳରେ ଶ୍ରୀଜଗନ୍ନାଥଙ୍କ ଅଦର୍ଶନ ତାପ ପ୍ରଶମିତ କରିବାକୁ ପାର୍ଷଦ ଭକ୍ତ ଗହଣ ସହିତ ଅଲାରନାଥ ଦର୍ଶନ ପାଇଁ ନହରପଦା ଯାତ୍ରା କରୁଥିଲେ । ଏବେ ମଧ୍ୟ ଅନବସର କାଳରେ ବୈଷ୍ଣବ ଓ ଭକ୍ତମାନେ ଅଲାରନାଥ ଦର୍ଶନ ପାଇଁ ଯାତ୍ରା କରିଥାନ୍ତି ଓ ପଥରେ ପଡୁଥିବା ରାୟ ରାମାନନ୍ଦଙ୍କ ଜନ୍ମସ୍ଥାନ ବେଣ୍ଟପୁରରେ ଏକ ରାତ୍ର ଅବସ୍ଥାନ ଓ ଭଜନ କୀର୍ତ୍ତନ କରି ତା'ପରଦିନ ଅଲାରନାଥଙ୍କୁ ଦର୍ଶନ କରି ଫେରିଥାନ୍ତି । ଶ୍ରୀ ଚୈତନ୍ୟ ଏହି ଅଲାରନାଥ ମନ୍ଦିର ପରିସରରେ ଥିବା ପାଷାଣ ଉପରେ ସାଷ୍ଟାଙ୍ଗ ପ୍ରଣିପାତ କରିବା ବେଳେ ତାଙ୍କର ଭକ୍ତିବିହ୍ୱଳ ଅବସ୍ଥା ଯୋଗୁଁ ପାଷାଣ ତରଳି ପାଷାଣରେ ତାଙ୍କ ଗାତ୍ର ଚିହ୍ନ ଅଂକିତ ହୋଇଥିବା କଥା ବହୁ ଭକ୍ତ ମତ ଦେଇଥାନ୍ତି ।

ଶ୍ରୀ ଚୈତନ୍ୟଙ୍କ ଅନ୍ୟତମ ଆକର୍ଷଣ ପୀଠ ଥିଲା ସିଦ୍ଧ ବକୁଳ ମଠ । ଏହା ଗମ୍ଭୀରା ବା ରାଧାକାନ୍ତ ମଠର ସାମାନ୍ୟ ଦକ୍ଷିଣକୁ ଅବସ୍ଥିତ । ଏଠାରେ ଉପାସିତ ପୂର୍ବାଶା ନୃସିଂହଙ୍କ ଦର୍ଶନ କରିବାକୁ ଶ୍ରୀଚୈତନ୍ୟ ନିତ୍ୟ ଯାଉଥିବା ବିଭିନ୍ନ ପ୍ରସଂଗରୁ ଜଣାପଡ଼େ । ଏହି ସ୍ଥାନ ଓଡ଼ିଶା ଗଜପତି ପ୍ରତାପରୁଦ୍ର ଦେବଙ୍କ ମନ୍ତ୍ରୀ / ରାଜଗୁରୁ ଶ୍ରୀ କାଶୀଶ୍ୱର ମିଶ୍ରଙ୍କ ଉଆସର ବାଡ଼ିପଟ ବଗିଚା ଥିଲା । କାଶୀ ମିଶ୍ରଙ୍କୁ ଅନୁରୋଧ କରି ଶ୍ରୀ ଚୈତନ୍ୟ ଯବନ ଭକ୍ତ ଶ୍ରୀଳ ହରିଦାସ ଠାକୁରଙ୍କୁ ଏହିଠାରେ ରଖାଇଥିଲେ ।

ଠାକୁର ହରିଦାସ ଖୁଲନା ଜିଲ୍ଲାର (ପୂର୍ବନାମ ଯଶୋହର ଜିଲ୍ଲା) ବୁଢ଼ନ ଗ୍ରାମରେ ଜନ୍ମ ହୋଇଥିଲେ । ଅଦ୍ୱୈତ

ବିଳାସ' ଗ୍ରନ୍ଥ ଅନୁସାରେ 'ଖାନ୍ନାଉଲ୍ଲା' ହରିଦାସଙ୍କ ପିତା ଥିଲେ । କେତେକ ମତ ଦିଅନ୍ତି ହରିଦାସ ବ୍ରାହ୍ମଣ ପରିବାରରେ ଜନ୍ମ ହୋଇ ପଡ଼ୋଶୀ ଯବନ ପରିବାରରେ ପାଳିତ ହୋଇଥିଲେ । ବୈଷ୍ଣବୀୟ ପରଂପରାରେ ଯବନ ହରିଦାସ ଦ୍ୱାପର ଯୁଗର ଶ୍ରୀକୃଷ୍ଣ ଲୀଳାରେ ବ୍ରହ୍ମା, କଳିଯୁଗ ଲୀଳାରେ ସେ ଚୈତନ୍ୟଙ୍କ ପାର୍ଷଦ ଯବନ ହରିଦାସ । ହରି ନାମ କୀର୍ତ୍ତନ ପାଇଁ ଜୀବନ ତ୍ୟାଗ କରିବାକୁ ସେ ପ୍ରସ୍ତୁତ ଥିଲେ । ପାଷାଣ୍ଡମାନେ ତଥା ଯବନ ଶାସକ ହରିଦାସଙ୍କୁ ନାମ କୀର୍ତ୍ତନ ନ ଛାଡ଼ିଲେ କଠୋର ଦଣ୍ଡ ପାଇବେ ବୋଲି ଧମକ ଦେବାରୁ ତା'ର ଉତ୍ତରରେ ହରିଦାସ ନିମ୍ନ ମତ ପୋଷଣ କରିଥିଲେ ।

**ଖଣ୍ଡ ଖଣ୍ଡ ହଇ ଦେହ ଯଦି ଯାଇ ପ୍ରାଣ**
**ତବେ ଆମି ବଦନେ ନା ଛାଡ଼ି ହରିନାମ ।**

(ଚୈ.ଭା.ଆ. ୧୬/୯୮)

ଯବନ ହରିଦାସ ପ୍ରତିଦିନ ଅନ୍ୟୂନ ତିନି ଲକ୍ଷ ମହାମନ୍ତ୍ର ଜପ କରୁଥିଲେ । ଏହି ନାମାଚାର୍ଯ୍ୟଙ୍କୁ ଶ୍ରୀ ଚୈତନ୍ୟ ପ୍ରତିଦିନ ଦର୍ଶନ ଓ ପ୍ରସାଦ ପ୍ରଦାନ କରୁଥିଲେ । ଯବନ ହରିଦାସଙ୍କର ତିରୋଧାନ ପରେ ତାଙ୍କର ସମାଧି କ୍ରିୟା ଆଦି ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ସଂପାଦିତ ହୋଇଥିଲା । ଯେଉଁଠାରେ ଶ୍ରୀ ହରିଦାସ ଠାକୁର ରହୁଥିଲେ, ଏବେ ମଧ୍ୟ ସେ ପ୍ରକୋଷ୍ଠ ଅଛି ଓ ତାହା ସଂଲଗ୍ନ ପୀଠରେ ଅହରହ ନାମ ସଂକୀର୍ତ୍ତନ ହେଉଛି । ଏହି ପ୍ରକୋଷ୍ଠ ନିକଟରେ ସିଦ୍ଧ ବକୁଳ ବୃକ୍ଷ ଶହ ଶହ ବର୍ଷ ଧରି ଉପାସିତ ହୋଇ ତାଙ୍କର ସ୍ୱସ୍ଥିତି ଓ ଆକୃତି ଦୃଷ୍ଟିରୁ ଅଦୃଶ୍ୟ ଦୈବୀ ଶକ୍ତିର ମହିମା ପ୍ରତିଷ୍ଠା ଓ ଉଦ୍‌ଘୋଷଣ କରୁଛନ୍ତି । ଏହା କେହି ନ ଦେଖିଲେ ବିଶ୍ୱାସ କରି ପାରିବ ନାହିଁ ।

ଶ୍ରୀ ଚୈତନ୍ୟଙ୍କ ଅନ୍ୟତମ ସ୍ମୃତି ବିଜଡ଼ିତ ତୀର୍ଥସ୍ଥାନ ହେଲା ପୁରୀ ସହର ଉପକଣ୍ଠସ୍ଥ ଅଠରନଳା ସନ୍ନିକଟ ଶ୍ରୀମନ୍ଦିର ଓ ନୀଳଚକ୍ର ଦର୍ଶନ ପୀଠ । ଏଠାରେ ଉପସ୍ଥିତ ହୋଇ ଶ୍ରୀ ଚୈତନ୍ୟ ଶ୍ରୀଜଗନ୍ନାଥ ମନ୍ଦିରର ନୀଳଚକ୍ରରେ ଶ୍ରୀ କୃଷ୍ଣଙ୍କୁ ଦର୍ଶନ କରି ଭାବବିହ୍ୱଳ ହୋଇ ପଡ଼ିଥିଲେ ।

(ଶ୍ରୀ ଚୈତନ୍ୟ ବାଣୀ - ଶ୍ରୀକୃଷ୍ଣ ଚୈତନ୍ୟ ମହାପ୍ରଭୁଙ୍କ ଆବିର୍ଭାବ, ପଞ୍ଚଶତ ବାର୍ଷିକୀ-ବିଶେଷ ସଂଖ୍ୟା, ପୃ.୪୧) ଏବେ ମଧ୍ୟ ଏହି ସ୍ଥାନରେ ଏକ କ୍ଷୁଦ୍ର ମନ୍ଦିର ଓ ଏହା ମଧ୍ୟରେ ଶ୍ରୀଚୈତନ୍ୟଙ୍କ ପାଦପଦ୍ମ ଉପାସିତ ହୋଇ ଜନ ଚେତନାରେ ଏହି ସ୍ମୃତିର ପୁଣ୍ୟଗାନ କରୁଛି ।

ଶ୍ରୀ ଚୈତନ୍ୟଙ୍କ ଲୀଳାର ଶେଷ ଅଠର ବର୍ଷ ବା ଅନ୍ତ୍ୟଲୀଳାର ଆଦ୍ୟ ଛ ବର୍ଷ ମଧ୍ୟରେ ଗୌଡ଼ ଦେଶରେ ଥିବା ତାଙ୍କର ବହୁ ଭକ୍ତ ଶ୍ରୀକ୍ଷେତ୍ରକୁ ଆସି ଶ୍ରୀଚୈତନ୍ୟଙ୍କ ସହିତ ନୃତ୍ୟଗୀତ ଉଦ୍ଦଣ୍ଡ କୀର୍ତ୍ତନ ସହିତ ଜାତି ବର୍ଣ୍ଣ ନିର୍ବିଶେଷରେ ନାମ ପ୍ରେମ ଧ୍ୱଜା ଧାରଣ କରିଥିଲେ । ଏହି ସମୟରେ ଶ୍ରୀ ଗଦାଧର ପଣ୍ଡିତ, ବିଭିନ୍ନ ଗୋସ୍ୱାମୀଙ୍କର ନୀଳାଚଳରେ ବାସ, ଶ୍ରୀ ବକ୍ରେଶ୍ୱର ପଣ୍ଡିତ, ଶ୍ରୀଦାମୋଦର ପଣ୍ଡିତ, ଶ୍ରୀ ଶଙ୍କର, ଶ୍ରୀ ହରିଦାସ, ଜଗଦାନନ୍ଦ, ଭବାନନ୍ଦ, ଗୋବିନ୍ଦ, କାଶୀଶ୍ୱର, ପରମାନନ୍ଦ ପୁରୀ, ସ୍ୱରୂପ ଦାମୋଦର, ରାୟ ରାମାନନ୍ଦ ପ୍ରଭୃତି ଭକ୍ତଗଣଙ୍କର, ମହାପ୍ରଭୁଙ୍କ ଦାସଗଣ ପ୍ରତିବର୍ଷ ଚତୁର୍ମାସ୍ୟାରେ ଗୌଡ଼ଦେଶରୁ ଆସି ମହାପ୍ରଭୁଙ୍କ ସହିତ ମିଳିତ ହୁଅନ୍ତି ।" (ଶ୍ରୀ ଚୈତନ୍ୟ ବାଣୀ, ୧୯୮୬ ପୃ. ୩୩) ।

ଏହି ପ୍ରଥମ ଛ ବର୍ଷ ମଧ୍ୟରେ ଯବନ ହରିଦାସଙ୍କର ଶ୍ରୀକୃଷ୍ଣ ପ୍ରାପ୍ତି ହୋଇଥିଲା । ଶ୍ରୀ ଚୈତନ୍ୟଙ୍କ କଠୋର ରୌଦ୍ରଦଗ୍ଧ ସନ୍ୟାସୀ ଜୀବନ ଭିତରେ ଶ୍ରାବଣର ରସସିକ୍ତ ଦିବସ ଗୁଡ଼ିକ ଥିଲା ରଥଯାତ୍ରା । ସେଥିପାଇଁ ସେ ବୃନ୍ଦାବନ ଯାତ୍ରା କାଳରେ, "ସମସ୍ତ ଭକ୍ତଗଣଙ୍କୁ ବିଦାୟ ଦେଇ ରଥଯାତ୍ରା ସମୟରେ ପୁରୀ ଆସିବା ନିମନ୍ତେ ଉପଦେଶ ଦେଇ ବଳଭଦ୍ର ଭଟ୍ଟାଚାର୍ଯ୍ୟ ଓ ଦାମୋଦର ପଣ୍ଡିତଙ୍କ ସହ ପୁରୀକୁ ଆଗମନ" କରିଥିଲେ ।

ଶ୍ରୀଚୈତନ୍ୟ ଶ୍ରୀକ୍ଷେତ୍ରରେ ରହୁଥିବା ବେଳେ ବୃନ୍ଦାବନବାସୀ ରୂପଗୋସ୍ୱାମୀ ଓ ସେତେବେଳେ ବନାରସରେ ରହୁଥିବା ସନାତନ ଗୋସ୍ୱାମୀ ସାମୟିକ ପୁରୀ ଆସି ତାଙ୍କ ସଂଗେ ସାକ୍ଷାତ ଓ ଆଳାପ କରୁଥିଲେ ।

କେବଳ ଗୋସ୍ୱାମୀମାନେ ନୁହନ୍ତି, ଅନ୍ୟ ବହୁ ଭକ୍ତ ଶ୍ରୀ ଚୈତନ୍ୟଙ୍କୁ ଦର୍ଶନ କରିବାକୁ ବିଭିନ୍ନ ଉପହାର ସହିତ ଶ୍ରୀକ୍ଷେତ୍ରକୁ ଆସୁଥିଲେ । ଏହି ପରଂପରା ଏକ ମଧ୍ୟ ପ୍ରଚଳିତ ।

ନବଦ୍ୱୀପ, ନଦିଆର ପାଣିହାଟୀ ନିବାସୀ ରାଘବ ଭବନରେ ରହୁଥିବା ରାଘବ ପଣ୍ଡିତଙ୍କ ଭଉଣୀ ଦମୟନ୍ତୀ ଦେବୀ ଶ୍ରୀଚୈତନ୍ୟଙ୍କୁ ମମତାପ୍ଳୁତ ବାତ୍ସଲ୍ୟ ରସରେ ସ୍ନେହ କରୁଥିଲେ । ତେଣୁ ରଥର ଅବ୍ୟବହିତ ପୂର୍ବରୁ ଆଷାଢ଼ ଅମାବାସ୍ୟା (ନେତ୍ରୋତ୍ସବ) ଦିନ ବିଭିନ୍ନ ରୁଚିକର ଖାଦ୍ୟ ସମ୍ଭାର ଯଥା - ବଡ଼ି, ଆଚାର, ମିଷ୍ଟଦ୍ରବ୍ୟ, ରସଗୋଲା, ଖୁଆପେଡ଼ା ତଥା ବିଭିନ୍ନ ପନିପରିବା ଯଥା - ବୋଇତି କଖାରୁ, ଶଙ୍ଖସାରୁ, ମାଣସାରୁ ଆଦି ବଙ୍ଗଦେଶାଗତ ଯାତ୍ରୀଙ୍କ ଦ୍ୱାରା ସେ ଚୈତନ୍ୟଙ୍କ ପାଇଁ ପଠାଉଥିଲେ । ଏ ପରଂପରା ଏବେ ମଧ୍ୟ ପ୍ରଚଳିତ ଅଛି ।

ଏ ସବୁ ଦ୍ରବ୍ୟ ଆଜିକାଲି ଭକ୍ତମାନେ ଆଣି ପୁରୀ ବଣିଆ ଗଳି ପାତ୍ର ସାହିରେ ଥିବା ଝାଞ୍ଜପିଟା ମଠରେ ରଖୁଛନ୍ତି । ତା' ପରେ ଦୋଳମଣ୍ଡପ ସାହି ସିଂହଦ୍ୱାର, ଖଜାପଟି, ବାଲିସାହି, ଉଆଁସ ଦାଣ୍ଡ ଦେଇ ଏହା ଗମ୍ଭୀରା (ରାଧାକାନ୍ତ ମଠ- ଯେଉଁଠାରେ ଏକାଦି କ୍ରମେ ଶ୍ରୀଚୈତନ୍ୟ ଅଠର ବର୍ଷ କାଳ ରହିଥିଲେ) ରେ ପହଞ୍ଚୁଛି । ସେହି ରାଧାକାନ୍ତ ମଠରେ ସଂଧ୍ୟାବେଳେ ପ୍ରସାଦ ସେବା, ମହୋତ୍ସବ ଆଦି ଏବେ ମଧ୍ୟ ସଂପାଦିତ ହେଉଛି । ଶ୍ରୀଗୁଣ୍ଡିଚା ପୂର୍ବଦିନ ଅର୍ଥାତ୍ ଆଷାଢ଼ ଶୁକ୍ଳପକ୍ଷ ପ୍ରତିପଦା ଦିନ ଶ୍ରୀଚୈତନ୍ୟ ଏକ ଗୌରବାବହ କାର୍ଯ୍ୟ ସଂପାଦନ କରୁଥିଲେ, ଯାହାର ପରଂପରା ଏବେ ମଧ୍ୟ ସୁରକ୍ଷିତ ଅଛି । ଓଡ଼ିଆ ଜାତି ଏହି କାର୍ଯ୍ୟ ଦୀର୍ଘ ଏକ ହଜାର ବର୍ଷ ତଳୁ ପ୍ରାରମ୍ଭ କରିଥିଲା (ଗଜପତିଙ୍କର ରଥ ଉପରେ ଛେରା ପହଁରା) । ତାହାକୁ ଅନ୍ୟାନ୍ୟ ଧର୍ମୀୟ ଗୋଷ୍ଠୀମାନେ କରସେବା ନାମରେ ଏବେ ମଧ୍ୟ ଅବ୍ୟାହତ ରଖିଛନ୍ତି । ଶ୍ରୀଚୈତନ୍ୟ ମଧ୍ୟ ସ୍ୱଜୀବଦ୍ଦଶାରେ ଏହି କାର୍ଯ୍ୟ ପ୍ରତି ଯଥେଷ୍ଟ ସମ୍ମାନ ଓ ଆଗ୍ରହ ପ୍ରଦର୍ଶନ କରିଥିଲେ ।

ଶ୍ରୀଚୈତନ୍ୟ ଶ୍ରୀଗୁଣ୍ଡିଚା ଯାତ୍ରା ପୂର୍ବଦିନ ନିଜ ଭକ୍ତ ଓ ପାର୍ଷଦମାନଙ୍କ ଗହଣରେ ଯାଇ ଗୁଣ୍ଡିଚା ମନ୍ଦିର ମାର୍ଜନା କରୁଥିଲେ । ଗଜପତି ପ୍ରତାପରୁଦ୍ର ବଳଗଣ୍ଡି ଠାରୁ ଆଡ଼ପ ମଣ୍ଡପ ପର୍ଯ୍ୟନ୍ତ ସ୍ଥାନକୁ ପ୍ରତିଦିନ ମାର୍ଜନା କରାଇବା ନିମନ୍ତେ ବଳଗଣ୍ଡିଠାରେ ମାଜଣା ଯାଗା ସ୍ଥାପନ କରିଥିଲେ ।

ଏହି ମାର୍ଜନା କାର୍ଯ୍ୟ କରିବା ମଧ୍ୟରେ ଶ୍ରୀ ଚୈତନ୍ୟ ଓ ତାଙ୍କ ସହଯୋଗୀମାନେ 'ଆଇତୋଟା'ରେ ସାମୟିକ ବିଶ୍ରାମ ନେଇଥାନ୍ତି ଓ କର୍ମ ସରିଲେ ତୀର୍ଥରାଜ ଇନ୍ଦ୍ରଦ୍ୟୁମ୍ନରେ ସ୍ନାନ ସାରି ପ୍ରତ୍ୟାବର୍ତ୍ତନ କରନ୍ତି ।

ଅନେକ 'ଆଇ ତୋଟା' ଶବ୍ଦଟି ରାଇ (ରାଧା) ତୋଟାର ଅପଭ୍ରଂଶ ବୋଲି କହିଲା ବେଳେ ଆଉ କେତେକ ଏଠାରେ ଜନୈକ ବୟସ୍କା ବ୍ୟକ୍ତି (ସମସ୍ତଙ୍କ ଡ଼ାକରେ ଆଇ)ଙ୍କ ନାମ ଅନୁସାରେ, ପୁଣି ଆଉ କେତେକ ଜଣେ ପ୍ରଭାବଶାଳୀ ସଂଭ୍ରାନ୍ତ ସାମନ୍ତଙ୍କ ମାତାମହୀଙ୍କ ନାମ ଅନୁସାରେ ହୋଇଛି ବୋଲି ମତ ଦେଇଥାନ୍ତି । ତେବେ ଏ ବିଷୟରେ ଅଧିକ ଗବେଷଣା ଆବଶ୍ୟକ ।

ତେବେ ଶରଧାବାଲି ସ୍କୁଲ, ନାକଚଣା ଦ୍ୱାର, ଦଶାବତାର ମଠ, ତଣ୍ଟିକଟା ଗୋହରି, ବର୍ତ୍ତମାନର ବସ୍‌ଷ୍ଟାଣ୍ଡ, ନବକଳେବର ରୋଡ଼ ପ୍ରଭୃତି ଆଇ ତୋଟାର ଅନ୍ତର୍ଭୁକ୍ତ ଥିଲା । ସମାର୍ଜନ କ୍ରିୟା ପରେ ଶ୍ରୀଚୈତନ୍ୟ ଯେଉଁଠାରେ ବିଶ୍ରାମ ନେଉଥିଲେ, ଏବେ ରାଧାରମଣ ମଠ ପକ୍ଷରୁ ଅଳ୍ପ କେତେ ବର୍ଷ ତଳେ ସେଠାରେ ଏକ ସ୍ମୃତି ମନ୍ଦିର ଓ ମନ୍ଦିର ତୋରଣରେ ଏହାର ଆଭାସ ବିଜ୍ଞପ୍ତି ଓଡ଼ିଆରେ ଲେଖାଯାଇଛି । ଏ ସ୍ମୃତି ମନ୍ଦିର ଭିତରେ ରାଧାକୃଷ୍ଣଙ୍କ ବିଗ୍ରହ ସହିତ ଅନ୍ୟୂନ ଚାରିଫୁଟ ଉଚ୍ଚ ଉର୍ଦ୍ଧ୍ୱବାହୁ ଶ୍ରୀ ଚୈତନ୍ୟଙ୍କର ଏକ କମନୀୟ ବିଗ୍ରହ ଅର୍ଚ୍ଚିତ ହେଉଛନ୍ତି । ଏହାର ପଛପଟେ ଏକ ଫୁଲ ବଗିଚା, କିଛି ନଡ଼ିଆଗଛ ଓ ଜଣେ ବସି ଏକାନ୍ତରେ ଧ୍ୟାନ କଲାଭଳି ଏକ ଗୋଲାକୃତି ଧ୍ୟାନମନ୍ଦିର ରହିଛି । ଟିକର ପଡ଼ା ନିବାସୀ ଗୋପାଳ ଦାସଙ୍କ ଭଳି ପ୍ରାଚୀନ ସନ୍ଥମାନେ କହନ୍ତି, ଆଇ ତୋଟା ଭଳି ଅନ୍ୟ ଏକ ତୋଟା 'ଜାଇ ତୋଟା' ବର୍ତ୍ତମାନର କୁମ୍ଭାରପଡ଼ା ଫାଣ୍ଡି ପୂର୍ବର ହରିଣୀ ଘାଟ / (ଶ୍ରୀକ୍ଷେତ୍ରର ପ୍ରବେଶ ପଥ) ବଡ଼ଦ୍ୱାର ନିକଟରେ ଥିଲା । ଏ ଜାଇ ତୋଟାର ଜାଇ, ଯୁଇ, ମଲ୍ଲୀ ପ୍ରଭୃତି ସୁଗନ୍ଧିତ ପୁଷ୍ପ ଦେବ ସେବାରେ ଲାଗୁଥିଲା । ଶଙ୍କରାନନ୍ଦ ମଠର ଅଧିକୃତ ଥାଇ ଏକଦା ଉପବନ ଥିବା ଏବଂ ବର୍ତ୍ତମାନ ବସତିରେ ପରିଣତ ହୋଇଥିବା ମଧୁବନ ମଧ୍ୟରେ ଏକ 'ଜାଇ ବଗିଚା' ଓ 'ଜାଇ ପୋଖରୀ' ଥିବା କଥା ସ୍ଥାନୀୟ ଲୋକଙ୍କ ଠାରୁ ଜଣାଯାଏ । ତେବେ ଯାହା ହେଉ ଆଇ ତୋଟା, ଜାଇ ତୋଟା, ଜାଇ ବଗିଚା, ଜାଇ ବଗିଚାରେ ପାଣି ଦେବାକୁ ଖୋଳାଯାଇ ଥିବା ପୋଖରୀ - ଏସମସ୍ତ ଏବେ ପୋତା ଯାଇ ଜନ ବସତିରେ ପରିଣତ ହୋଇ ସାରିଲାଣି ।

ଆଇ ତୋଟା ମଧ୍ୟରେ ଥିବା ଶ୍ରୀ ଚୈତନ୍ୟଙ୍କ ବିଶ୍ରାମ ସ୍ଥଳୀ ଓ ଏହାର ରକ୍ଷଣା ବେକ୍ଷଣା କରୁଥିବା ପୂଜିତ ବିଗ୍ରହଙ୍କ ରାଧା ରମଣ ମଠରେ ସମ୍ମୁଖରେପନ୍ଦର ଇଞ୍ଚ ଲମ୍ବା, ଏଗାର ଇଞ୍ଚ ଚଉଡ଼ା, ପନ୍ଦର ଇଞ୍ଚ ଉଚ୍ଚା କାଠ ବଂଧନୀ ଦିଆ ଏକ କାଚ ବାକସରେ ଚନ୍ଦନ ଚର୍ଚ୍ଚିତ ଏକ ଭଙ୍ଗା ମାଠିଆ ପୂଜା ପାଉଛନ୍ତି । ମଠ ଅଧିକାରୀ କୃଷ୍ଣଦାସଙ୍କ ତଥ୍ୟ ଅନୁସାରେ ଶ୍ରୀ ଚୈତନ୍ୟଙ୍କ ସମ୍ମାର୍ଜନୀ ସେବାରେ ବାଲେଶ୍ୱର ଜିଲ୍ଲା ସୁନୁହଟ ଇଲାକା ଜମିଦାର ଯୋଗ ଦେଇ ଅତ୍ୟନ୍ତ ଆନନ୍ଦ ପାଉଥିଲେ । ତାଙ୍କର ଇଚ୍ଛା ଥିଲା ଚୈତନ୍ୟଙ୍କ ଲାଗି ସେ ମନ୍ଦିରଟିଏ ନିର୍ମାଣ କରିବେ । ସର୍ବଜ୍ଞ ଶ୍ରୀଚୈତନ୍ୟ ଏହା ଜାଣି ଏକଦା ସମ୍ମାର୍ଜନୀ ସେବା ପରେ ବିଶ୍ରାମ କରୁଥିବା ବେଳେ ତାଙ୍କ ହାତ ପାଖରେ ଥିବା ଏକ ମାଟି ମାଠିଆ ଫିଙ୍ଗି ଦେଲେ, ଏହି ମାଠିଆ ଯେଉଁଠାରେ ପଡ଼ି ଭାଙ୍ଗିଗଲା, ସେଠାରେ ଜମିଦାର ବର୍ତ୍ତମାନର ମନ୍ଦିରଟି ନିର୍ମାଣ କଲେ ଓ ଶ୍ରୀଚୈତନ୍ୟଙ୍କ ହାତ ଲାଗି ଥିବାରୁ ଏହି ଭଙ୍ଗା ମାଟି

ମାଠିଆଟିକୁ ଏକ କାଚ ବାକ୍ସରେ ରଖି ପୂଜା କଲେ ।

ଶ୍ରୀ ଚୈତନ୍ୟ କରିଥିବା ଗୁଣ୍ଡିଚା ମନ୍ଦିର ସମ୍ମାର୍ଜନୀ ସେବା ଏବେ ମଧ୍ୟ ପ୍ରଚଳିତ । ଏଥିରେ ଗମ୍ଭୀରା ବା ରାଧାକାନ୍ତ ମଠ, ହରିଦାସ ମଠ, ଝାଞ୍ଜପିଟା ମଠ ଏବଂ ଅନ୍ୟାନ୍ୟ ବୈଷ୍ଣବ ସଂପ୍ରଦାୟ ସମେତ ଅଷ୍ଟ ଗୋସ୍ୱାମୀ, (ଷଡ଼ ଗୋସ୍ୱାମୀଙ୍କ ସହିତ ଲୋକନାଥ ଗୋସ୍ୱାମୀ, ଭୂଗର୍ଭ ଗୋସ୍ୱାମୀ ପରେ ଯୋଗ ହେଲେ) ଅଷ୍ଟ କବିରାଜ, ଦ୍ୱାଦଶ ଗୋପାଳ, ଚଉଷଠି ମହନ୍ତ, ଷଡ଼ ଚକ୍ରବର୍ତ୍ତୀ ପ୍ରଭୃତିଙ୍କର ଉତ୍ତରାଧିକାରୀ, ଦାୟାଦମାନେ ଯୋଗଦେଇ ଏହି ସେବା ବର୍ତ୍ତମାନ ସଂପାଦନ କରୁଛନ୍ତି । ଏହି ସମ୍ମାର୍ଜନୀ ସେବା ବେଳେ ଶ୍ରୀକ୍ଷେତ୍ର ବିଶେଷତଃ ବଡ଼ଶଙ୍ଖ ଠାରୁ ଟିକରପଡ଼ା, ମାଟିଆପଡ଼ା, କୁମୁଟି ପାଟଣା, ସିଦ୍ଧମହାବୀର ପାଟଣା ଓ ଏହି ଅଞ୍ଚଳର ହୃତ୍‌ପିଣ୍ଡରେ ଥିବା ଶ୍ରୀଗୁଣ୍ଡିଚା ମନ୍ଦିର ଉକ୍ତ ବୈଷ୍ଣବ ମାନଙ୍କ ପଦରଜ ସ୍ପର୍ଶରେ, ହରିବୋଲ ହୁଳହୁଳିର ଅମୃତ ନିନାଦ ମଧ୍ୟରେ ଘଣ୍ଟ, ଶଙ୍ଖ, ଖୋଳ, କରତାଳି ଧ୍ୱନି ତଥା ଉପରେ ଉଡୁଥିବା ବାନା ବୈରଖ ମଧ୍ୟରେ ଭକ୍ତକୁ ଏକ ଇନ୍ଦ୍ରିୟାତୀତ ଲବଙ୍ଗ ଦ୍ୱୀପରେ ଉପନୀତ କରାଇଥାଏ ।

ଶ୍ରୀମନ୍ଦିର, ଶ୍ରୀକ୍ଷେତ୍ର, ଶ୍ରୀଚୈତନ୍ୟ ଏକ ତ୍ରିଭୁଜ । ଏହାର ପ୍ରତ୍ୟେକ ବାହୁ ଅନ୍ୟ ସହିତ ସଂଶ୍ଳିଷ୍ଟ, ନିର୍ଭରଶୀଳ ଓ ସମ୍ବନ୍ଧିତ । ବୃନ୍ଦାବନ ଥିଲା ତାଙ୍କର ଭ୍ରମଣ ସ୍ଥଳୀ, ମାତ୍ର ଶ୍ରୀକ୍ଷେତ୍ର ଥିଲା ତାଙ୍କ ରହଣୀ ସ୍ଥଳୀ । ଅଠଚାଳିଶ ବର୍ଷ ଜୀବନ କାଳ ମଧ୍ୟରୁ ଅଠର ବର୍ଷ କାଳ ତାଙ୍କର କଟିଥିଲା ଶ୍ରୀକ୍ଷେତ୍ରରେ । ତାଙ୍କର ଦ୍ୱିତୀୟ ଥର ଶ୍ରୀକ୍ଷେତ୍ର ଆଗମନ ଓ ଏଠାରେ ଅଠର ବର୍ଷ ଅବସ୍ଥାନ କାଳରେ ପ୍ରଥମ ଛଅ ବର୍ଷ ତାଙ୍କର ଜୀବନ ଆବେଗ ଓ ଆବେଶ ସ୍ଖଳିତ ରହିଥିଲା । ଏହି ସମୟର ଜନ ଜୀବନ ସହିତ ତାଙ୍କର ସଂପୃକ୍ତି ତାଙ୍କୁ ଅବଶିଷ୍ଟ ବାରବର୍ଷ ପାଇଁ ଅନନ୍ୟ ଭାବେ 'ଜନଗଣ ମନ ଅଧିନାୟକ'ରେ ପରିଣତ କରି ଦେଇଥିଲା ।

ଗମ୍ଭୀରାରେ ଅବସ୍ଥାନ କରୁଥିବା ଶ୍ରୀଚୈତନ୍ୟଙ୍କ ଅନ୍ତର୍ଦ୍ଧାନର ରହସ୍ୟମୟ ଅନ୍ତଲୀଳା ଅନେକ ବିଶ୍ୱସନୀୟ / ଅବିଶ୍ୱସନୀୟ କଳ୍ପନା ଜଳ୍ପନା ଭିତରେ ଅଣନିଶ୍ୱାସୀ । କେତେକ ଶ୍ରୀଚୈତନ୍ୟ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ଅପାଣିପାଦ ଶରୀରରେ ବିଲୀନ ହୋଇଗଲେ କହିଲା ବେଳେ ଆଉ କେତେକ ଶ୍ରୀ ଚୈତନ୍ୟ ଅନନ୍ତ ନୀଳ ପାରାବାରକୁ ଇନ୍ଦ୍ରନୀଳମଣି ଶ୍ରୀକୃଷ୍ଣଙ୍କ ଜ୍ଞାନରେ ଝାସ ଦେଇଥିଲେ ବୋଲି ମତ ଦେଇଥାନ୍ତି । ଆଉ କେତେକ ଶ୍ରୀ ଚୈତନ୍ୟଙ୍କ ପ୍ରତିଷ୍ଠା ଓ ପ୍ରଭାବ ଯୋଗୁଁ ତାଙ୍କର ପ୍ରତିଦ୍ୱନ୍ଦ୍ୱୀ ଓ ବିଦ୍ୱେଷୀମାନେ ତାଙ୍କୁ ଗୁପ୍ତରେ ସଂହାର କରିଥିଲେ ବୋଲି ମତ ଦେଇଥାନ୍ତି । ତେବେ ବୈଜ୍ଞାନିକ ଦୃଷ୍ଟିରୁ ବିଶ୍ଳେଷଣ କଲେ ଶ୍ରୀ ଚୈତନ୍ୟ ମହାପ୍ରଭୁ ଶ୍ରୀ ଜଗନ୍ନାଥଙ୍କ ଶ୍ରୀଅଙ୍ଗରେ ବିଲୀନ ହୋଇଯିବା ଏକ ଭାକ୍ତିକ ମିଥ୍ୟା । ତେଣୁ ଏହା ଅଗ୍ରହଣୀୟ । ଦ୍ୱିତୀୟତଃ ସମୁଦ୍ର ଭିତରକୁ ଭାବାବେଶରେ ପ୍ରବେଶ କରିବା ଅବାସ୍ତବ ଓ ଅବାନ୍ତର ମନେ ହୁଏ । ସ୍ୱୟଂ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କର ଦର୍ଶନ ପାଉଥିବା ବେଳେ ତାଙ୍କର ପ୍ରତୀକ ପାରାବାର ତାଙ୍କୁ ଅଧିକ ଆକର୍ଷଣ କରିବା ସମୀଚୀନ ମନେ ହୁଏ ନାହିଁ । ଏହାଛଡ଼ା ପ୍ରଥମ ଛଅ ବର୍ଷ ପରେ ଦ୍ୱିତୀୟ ବାର ବର୍ଷ ସେ ରାଧାଭାବରେ ସବୁବେଳେ ପ୍ରାୟ ଗମ୍ଭୀରା ଭିତରେ ଏକାନ୍ତ ଭାବେ ଅନନ୍ତ ଲୀଳା ଆସ୍ୱାଦନ କରୁଥିଲେ । ଏହି ଭାବାବେଶ ବେଳେ ଅନ୍ତରଂଗ ଅନୁଗାମୀ, ଭକ୍ତ ଓ ପାର୍ଷଦମାନେ ତାଙ୍କୁ ପ୍ରାୟ ଘେରି ରହୁଥିଲେ । ତେଣୁ ପାର୍ଷଦଙ୍କ ଦୃଷ୍ଟିକୁ ଏଡ଼େଇ ଦେଇ ସମୁଦ୍ରକୁ ଯିବା ଓ ଭଷ୍ମ ଭାବାବେଶ ଭିତରେ ସମୁଦ୍ର ଭିତରକୁ ଝାସ ଦେବା କଥା ଅବାସ୍ତବ ମନେ ହୁଏ ।

ତୃତୀୟ ସିଦ୍ଧାନ୍ତଟି ତାଙ୍କୁ ଗୁପ୍ତରେ ମାରି ଦେବା ସୁସ୍ଥ ଚିନ୍ତନର ପ୍ରତିଫଳନ ନୁହେଁ । ସତ୍ୟ ନାରାୟଣ ରାଜଗୁରୁ ପ୍ରଣୀତ ''କଳିଙ୍ଗର ଆତ୍ମଲିପି'' ପାଠ କରିଥିବା ପାଠକ କଳିଙ୍ଗର ଆତିଥେୟତା ଉପରେ ପ୍ରଶ୍ନ ଅଂକୁଶ ଉଠାଇବା ଅସମ୍ଭବ । ବିଭିନ୍ନ ବିଦେଶୀମାନେ ଛଳନା ବା ପ୍ରତାରଣାରେ କଳିଙ୍ଗରେ ସାମ୍ରାଜ୍ୟ ବିସ୍ତାର କରିଥିବା ଇତିହାସ ସମର୍ଥିତ । ମାତ୍ର ଉତ୍କଳୀୟ ଜନତା ସୁରକ୍ଷାର ପ୍ରତିଶ୍ରୁତି ଦେଇଥିବା ତାର ଅତିଥି ଉପରେ ପ୍ରତିଶୋଧ ନେବାର ଦୃଷ୍ଟାନ୍ତ ସମୁଦ୍ର ମଧ୍ୟରେ ମଧୁର ଜଳ ଆବିଷ୍କାର କରିବା ପ୍ରୟାସ ଭଳି ବିରଳ । ଏବେ ମଧ୍ୟ ତୀର୍ଥଯାତ୍ରୀମାନେ ଶ୍ରୀକ୍ଷେତ୍ର ଦର୍ଶନ ପାଇଁ ଆସିବା ବେଳେ ତାଙ୍କର ଅର୍ଥାଭାବ ଘଟିଲେ ପଣ୍ଡାମାନଙ୍କ ଠାରୁ ଉଧାର କରି ସ୍ୱଦେଶକୁ ବାହୁଡ଼ିବା ଘଟଣା ପ୍ରଚଳିତ ରହିଛି ।

ତା' ଛଡ଼ା ଚୈତନ୍ୟଙ୍କ ଅନୁସୃତ ନୀତି 'ଜୀବେ ଦୟା ନାମେ ପ୍ରେମ'ରେ ଉଦ୍‌ବୁଦ୍ଧ ହୋଇଥିବା ଜନସାଧାରଣଙ୍କ ଭିତରେ ଶ୍ରୀ ଚୈତନ୍ୟଙ୍କୁ ହତ୍ୟା କରିବାର ବିଭତ୍ସ କଳ୍ପନା ଉଦ୍‌ଭବ ହେବା ଅସମ୍ଭବ । ଯଦିବି ଶ୍ରୀ ଚୈତନ୍ୟଙ୍କର ବିରୋଧୀ ଓ ବିଦ୍ୱେଷୀ ଥିଲେ ବୋଲି ଗ୍ରହଣ କରାଯାଏ, ତେବେ ସେମାନେ ଅଳ୍ପ ସଂଖ୍ୟକ ହୋଇଥିବା ନିଶ୍ଚିତ । ତାଙ୍କର ପାର୍ଷଦ, ଅନୁଗତ ତଥା ଅନୁଗୃହୀତ ଶିଷ୍ୟ, ଭକ୍ତମାନଙ୍କ ଆଗରେ ଏହି ମୁଷ୍ଟିମେୟ

ବ୍ୟକ୍ତିଙ୍କର ଜଘନ୍ୟ ଉଦ୍ଦେଶ୍ୟ କିଭଳି ସଫଳ ହୋଇଥିବ ?

ଅନ୍ତଲୀଳା ସମୟରେ ଶ୍ରୀ ଚୈତନ୍ୟ ପ୍ରାୟ ମୌନ ରହି ଗମ୍ଭୀରାରେ ଏକାନ୍ତ ବାସ କରୁଥିଲେ । ଯେତେବେଳେ ସେ ପବିତ୍ର ସ୍ଥଳୀ ମାନ ଭ୍ରମଣ କରିବାକୁ ଯାଉଥିଲେ, ସେତେବେଳେ ତାଙ୍କ ସହିତ ଶିଷ୍ୟ, ଭକ୍ତମାନେ ମଧ୍ୟ ଯାଉଥିବାର ଉଦାହରଣ ରହିଛି । ଏ କ୍ଷେତ୍ରରେ ତାଙ୍କୁ ଏକାନ୍ତରେ ନିଧନ କରିବା ଅସମ୍ଭବ ମନେ ହୁଏ । ଏହା ଛଡ଼ା ରାଜ ପରିବାରର ସ୍ୱୟଂ ରାଜା ପ୍ରତାପ ରୁଦ୍ର ଦେବ, ବ୍ରାହ୍ମଣ ସମାଜର ସ୍ୱୟଂ ରାଜଗୁରୁ କାଶୀ ମିଶ୍ର, ପଣ୍ଡିତମଣ୍ଡଳୀର ସାର୍ବଭୌମ ଭଟ୍ଟାଚାର୍ଯ୍ୟ, ସାମନ୍ତମାନଙ୍କ ମଧ୍ୟରୁ ସ୍ୱୟଂ ରାୟ ରାମାନନ୍ଦ, ସେବାୟତ ସଂପ୍ରଦାୟ ଭିତରୁ କହ୍ନାଇ ଖୁଣ୍ଟିଆ ପ୍ରଭୃତି ତାଙ୍କର ଅନୁଗତ ଥିବା ବେଳେ ତାଙ୍କୁ ମାରିବା ଏକ ବିକୃତ ମସ୍ତିଷ୍କର କଳ୍ପନା ।

ଆଉ ଏକ ମତ, ଶ୍ରୀ ଚୈତନ୍ୟ ଆଘାତ ପାଇ ଇହଲୀଳା ସମ୍ବରଣ କରିଥିଲେ । ଅନ୍ୟ ନିର୍ଭର ଯୋଗ୍ୟ ପ୍ରମାଣ ନମିଳିବା ଯାଏ ସଂପ୍ରତି ମିଳୁଥିବା ଉପାଦାନକୁ ଭିତ୍ତି କରି ଏବଂ ପରିବେଶଗତ ଆଧାରକୁ ବିଚାରକୁ ନେଇ ଏହା ସମୀଚୀନ ମନେ ହୁଏ । 'ବୈଷ୍ଣବ ଲୀଳାମୃତ' ଗ୍ରନ୍ଥର ନବମ ଅଧ୍ୟାୟରେ ବର୍ଣ୍ଣିତ ହୋଇଅଛି ଯେ, ଶ୍ରୀ ଚୈତନ୍ୟ ନୃତ୍ୟ କରୁଥିବା ସମୟରେ 'ଇଟା ଉପରେ ତାଙ୍କ ବାମ ପାଦ ପଡ଼ି ବୃଦ୍ଧାଙ୍ଗୁଳିରେ କ୍ଷତ ହୋଇ କ୍ରମେ ଦ୍ରୁତ ସ୍ୱାସ୍ଥ୍ୟ ହାନି ଘଟି ଅକ୍ଷୟ ତୃତୀୟା ଦିନ ବ୍ରାହ୍ମ ମୂହୂର୍ତ୍ତରେ ତାଙ୍କର ପ୍ରାଣ ତ୍ୟାଗ ହୋଇଥିଲା ଓ ସଂଗୋପନରେ ତାଙ୍କୁ 'କୋଇଲି ବୈକୁଣ୍ଠ'ରେ ସମାଧି ଦିଆ ଯାଇଥିଲା ।

(ପୁରୀବୋଲି, ପୃ.୧୮୪)

ଏ ତଥ୍ୟକୁ ଅଧିକ ବିଶ୍ଳେଷଣ କଲେ ଆନୁସଙ୍ଗିକ କେତେକ କଥା ମନକୁ ଆସେ । ଶ୍ରୀମନ୍ଦିର କୂର୍ମ ବେଢ଼ା ଭିତରେ ଯେଉଁଠି ଏବେ ଶ୍ରୀ ଗୌରାଙ୍ଗର ପାଦ ଚିହ୍ନ ସ୍ଥାପିତ ଓ ଅର୍ଚ୍ଚିତ ହେଉଛନ୍ତି (କୋଇଲି ବୈକୁଣ୍ଠ ଯିବାର ଡ଼ାହାଣ ପଟରେ, ବଳି ପାତାଳ ମନ୍ଦିର ପ୍ରାୟ ଆଗ ସାମନା ଫୁଲ ଗୁନ୍ଥା ଘର ସଂଲଗ୍ନ), ସେ ସ୍ଥାନରେ ହୁଏତ ନୃତ୍ୟରତ ଶ୍ରୀଚୈତନ୍ୟଙ୍କ ବାମ ପାଦ ବୃଦ୍ଧାଙ୍ଗୁଷ୍ଠି ଇଟାରେ ବାଜି ରକ୍ତାକ୍ତ କ୍ଷତ ହୋଇଥିବା ସମ୍ଭବ ବା ଶ୍ରୀ ଚୈତନ୍ୟ ଆଘାତ ପାଇବା ପରେ ତାଙ୍କୁ ସାଷ୍ଟମ କରାଇବାକୁ ସେହି ସ୍ଥାନରେ ରଖା ଯାଇଥିବା ସମ୍ଭବ ବା ତାଙ୍କ ଦେହାନ୍ତ ପରେ ସଂଗୋପନରେ କୋଇଲି ବୈକୁଣ୍ଠ ନେବା ବେଳେ ଏଠାରେ ତାଙ୍କୁ ରଖା ଯାଇଥିବା ସମ୍ଭବ । ତେବେ ଏ ବିଷୟରେ ଅଧିକ ଗବେଷଣା ଆବଶ୍ୟକ ।

ଦ୍ୱିତୀୟ ପ୍ରଶ୍ନ, ଯଦି ଶ୍ରୀ ଚୈତନ୍ୟଙ୍କୁ କୋଇଲି ବୈକୁଣ୍ଠରେ ସମାଧି ଦିଆଗଲା, ତେବେ ଏହାର ସ୍ମୃତି ଓ ସ୍ମାରକୀ ରଖାଗଲା ନାହିଁ କାହିଁକି ? ଏହା ସତ୍ୟ ଯେ, କୌଣସି ମଣିଷ ଯେତେ ବଡ଼ ହୋଇଥାନ୍ତୁ ନା କାହିଁକି, ମହାପ୍ରଭୁଙ୍କ ନବକଳେବର ବ୍ୟତୀତ ଅନ୍ୟ କାହାକୁ କୋଇଲି ବୈକୁଣ୍ଠରେ ସମାଧି ଦିଆଯାଏ ନାହିଁ । ନବକଳେବର ବେଳେ ଶ୍ରୀଜଗନ୍ନାଥ ଆଦିଙ୍କୁ ଶିଆଳୀ ଲତା ପରିବେଷ୍ଟିତ, ଏକ ଅନ୍ଧାରୁଆ ଗର୍ତ୍ତକୁ ନେଇ ସମାଧି ଦେବାର ବିଧି ଅଦ୍ୟାବଧି ମଧ୍ୟ ପ୍ରଚଳିତ । ଏହି ଦେବ ସମାଧି ଅଞ୍ଚଳର ପ୍ରବେଶ ପଥରେ ଏକ ପ୍ରସ୍ତରଖଣ୍ଡ ସିନ୍ଦୂର ଚର୍ଚ୍ଚିତ ହୋଇ ମଶାଣୀ ଚଣ୍ଡୀ/ମଶାଣୀ ମହାବୀର ନାମରେ ସେବାୟତଙ୍କ ଦ୍ୱାରା ବର୍ତ୍ତମାନ ମଧ୍ୟ ପୂଜିତ ହେଉଛନ୍ତି । ଶ୍ରୀଚୈତନ୍ୟଙ୍କ ମହାପ୍ରୟାଣ ଖ୍ରୀ. ୧୫୩୪ ରେ ହୋଇଥିବା ସମ୍ଭବ । ଯଦି ସେହି ସମୟରେ ନବକଳେବର ପରଂପରା ଶ୍ରୀମନ୍ଦିରରେ ପ୍ରଚଳିତ ଥାଏ, ତେବେ ବର୍ତ୍ତମାନ ନବକଳେବର ବେଳେ ଯେଉଁଠାରେ ମହାପ୍ରଭୁମାନଙ୍କୁ ସମାଧି ଦିଆଯାଉଛି, ସେହି ସ୍ଥାନରେ ଶ୍ରୀ ଚୈତନ୍ୟଙ୍କୁ ସଂଗୋପନରେ ସମାଧି ଦିଆ ଯାଇଥିବାର ସମ୍ଭାବନା ଅଧିକ ।

ଆଦି ଶଙ୍କରାଚାର୍ଯ୍ୟ (ଖ୍ରୀ. ୭୮୮ - ଖ୍ରୀ. ୮୨୦) ଶ୍ରୀକ୍ଷେତ୍ରକୁ ଆଗମନ କରିବା କାଳରେ ସୋନପୁର ନିକଟସ୍ଥ ଗୋପାଳୀ ଗ୍ରାମରୁ ବ୍ରହ୍ମ ଉଦ୍ଧାର କରି ପରମେଶ୍ୱରଙ୍କ ମୂର୍ତ୍ତି ନିର୍ମାଣ କରି ଏବଂ ବ୍ରହ୍ମସମେତ ଶ୍ରୀମୂର୍ତ୍ତିମାନଙ୍କୁ ଶ୍ରୀମନ୍ଦିରରେ ମୂର୍ତ୍ତି ପ୍ରତିଷ୍ଠା କରି ଏହି ପୁଣ୍ୟ ସ୍ମୃତିରେ ସାଧୁ ସନ୍ଥଙ୍କ ପାଇଁ ଛତ୍ରଭୋଗ (ଭୋଗ ମଣ୍ଡପ ପୂଜା) ବ୍ୟବସ୍ଥା କରାଇଥିଲେ ବୋଲି କେତେକ ଗବେଷକ ମତ ଦିଅନ୍ତି । ସେତେବେଳେ ଶ୍ରୀମନ୍ଦିରରେ ପୂଜିତ ମହାପ୍ରଭୁଙ୍କୁ ଭୂଗର୍ଭସ୍ଥ କରାଇବା ସମ୍ଭାବନା କମ୍ । କାରଣ ଶଙ୍କରାଚାର୍ଯ୍ୟ ଶ୍ରୀ ବିଗ୍ରହମାନଙ୍କ ବ୍ରହ୍ମ ଉଦ୍ଧାର କରିଥିଲେ । 'ଦିଅବର' ନାମକ ଏକ ବରଗଛ ତଳେ ଥିବା କୀଟଦ୍ରଷ୍ଟ ବିଗ୍ରହ ଆଣି ତାକୁ କୋଇଲି ବୈକୁଣ୍ଠରେ ପୋତିଥିବାର କୌଣସି ବିବରଣୀ ବିଭିନ୍ନ ସୂତ୍ରରୁ ମିଳେ ନାହିଁ । ବରଂ ବିଭିନ୍ନ ସମୟରେ ଯବନ ଆକ୍ରମଣ ଯୋଗୁଁ ବିଗ୍ରହମାନେ ଶ୍ରୀମନ୍ଦିରରୁ ଭକ୍ତ ଓ ସେବାୟତମାନଙ୍କ ଦ୍ୱାରା ଅପସାରିତ ଓ ଅନ୍ୟତ୍ର ସଂଗୋପିତ ହେବା ଜଣାପଡ଼େ । ବିଗ୍ରହମାନଙ୍କ ସ୍ଥାନାନ୍ତରଣ ସମୟରେ ଭଗ୍ନ ହେବା ଯୋଗୁଁ ଓ ସାମାଜିକ ଦୃଷ୍ଟିରୁ ଅପବିତ୍ର ହେବା କାରଣରୁ ପୁନଃ ପ୍ରତିଷ୍ଠା ବେଳେ ନବକଳେବରର ଆବଶ୍ୟକତା ପଡ଼ିଥିବାର ସମ୍ଭାବନା ରହିଛି । ଅପର ପକ୍ଷରେ

ଗଙ୍ଗ ଶାସନ ଓ ସୂର୍ଯ୍ୟବଂଶୀ ଶାସନ, ଏପରିକି କପିଳେନ୍ଦ୍ର ଦେବଙ୍କ ସମୟ ପର୍ଯ୍ୟନ୍ତ ଓଡ଼ିଶାର କେନ୍ଦ୍ରୀୟ ନେତୃତ୍ୱ ସବଳ ଥିବାରୁ ବଙ୍ଗ ଶାସକ ଲକ୍ଷ୍ମଣ ସେନ ପ୍ରଭୃତି ଓଡ଼ିଶାରେ ଆସି ଆଶ୍ରୟ ନେବାର ଦୃଷ୍ଟାନ୍ତ ରହିଛି । ଏଥି ପାଇଁ ପ୍ରତିବେଶୀ ଯବନ ଶାସକ ମାନଙ୍କ ପାଇଁ ଓଡ଼ିଶା ଏକ ଆତଙ୍କର ଭୂମି ଥିଲା । ତେଣୁ ଏ ସମୟରେ ବିଗ୍ରହମାନେ ମନ୍ଦିରରୁ ଅନ୍ୟତ୍ର ଯିବା ବା ଏମାନଙ୍କୁ ଲୁକ୍କାୟିତ କରି ରଖିବା ଆବଶ୍ୟକ ନଥିଲା । ଇତିହାସରୁ ଜଣାପଡ଼େ, ଷୋଡ଼ଶ ଶତାବ୍ଦୀର ମଧ୍ୟ ଦଶକ ପରେ ସପ୍ତଦଶ ଶତାବ୍ଦୀର ପ୍ରଥମ ଦଶକରେ (୧୬୦୯ ଖ୍ରୀରେ) ଶ୍ରୀମନ୍ଦିରରେ ନବକଳେବରର ଆବଶ୍ୟକତା ଉପଲବ୍ଧି ହୋଇଥିଲା । ଖ୍ରୀ. ୧୫୬୮ରେ କଳାପାହାଡ଼ ଆକ୍ରମଣ ପରେ ଖ୍ରୀ. ୧୬୨୨ରେ ଭୋଇ ବଂଶର ନରପତି ନରସିଂହ ଦେବ ଓ ଖ୍ରୀ. ୧୬୯୮ରେ ଗଜପତି ଦିବ୍ୟସିଂହ ଦେବଙ୍କ ସମୟରେ ତଥା ଖ୍ରୀ. ୧୭୩୩ରେ ଭୋଇ ବଂଶୀୟ ଗଜପତି ରାମଚନ୍ଦ୍ର ଦେବ(୨) ଯଙ୍କ ବେଳେ ବିଧର୍ମ୍ମୀ ଓ ବିଦ୍ୱେଷୀ ଆକ୍ରମଣ ଯୋଗୁଁ ନବକଳେବର ହୋଇଥିଲା । ଏହାଛଡ଼ା ମରହଟ୍ଟା ଶାସନ, ତଥା ଅବଶେଷରେ ଇଂରେଜମାନଙ୍କଦ୍ୱାରା ଶ୍ରୀମନ୍ଦିର ପରିଚାଳନା ସମ୍ପାଦନ ଭିତରେ ପାରଂପରିକ ଆବଶ୍ୟକତା ବା ବିଧି ପାଳନ ଦିଗରୁ ତତ୍ପୂର୍ବରୁ ଶ୍ରୀମନ୍ଦିରରୁ ବିଗ୍ରହମାନଙ୍କୁ ସ୍ଥାନାନ୍ତରିତ କରିଥିବାରୁ ସାଧାରଣ ଅବସ୍ଥା ଆସିବା ପରେ ନବକଳେବରର ଆବଶ୍ୟକତା ପଡ଼ିଛି । ମାତ୍ର ଶ୍ରୀ ଚୈତନ୍ୟଙ୍କ ଶ୍ରୀକ୍ଷେତ୍ର ଅବସ୍ଥାନ ଓ ତିରୋଧାନ କାଳରେ ନବକଳେବର ହେବାର ସମ୍ଭାବନା କମ୍ ଥିଲା । ତେଣୁ 'ବୈଷ୍ଣବ ଲୀଳାମୃତ' ଗ୍ରନ୍ଥର ବିବରଣୀ ଯଦି ସତ୍ୟ ହୁଏ, ତେବେ ଭଗବାନଙ୍କୁ ନବକଳେବର ବେଳେ ଏବେ ଯେଉଁଠି ପାତାଳୀ କରାଯାଇଛି, ସେହି ପାଖରେ ଶ୍ରୀ ଚୈତନ୍ୟଙ୍କୁ ଭୂଗର୍ଭସ୍ଥ କରିବାର ସମ୍ଭାବନା କରାଯାଇପାରେ । ଶ୍ରୀକୃଷ୍ଣ ଶିଆଳୀ ଲତାରେ ବିଶ୍ରାମ ନେଇଥିବା ବେଳେ ଜାରା ଶବର ଶରାଘାତରେ ପ୍ରାଣ ହରାଇଥିଲେ, ଏହା ଶାରଳା ଦାସ ଉଲ୍ଲେଖ କରିଛନ୍ତି । ଏହି ଆଖ୍ୟାୟିକା ଭିତ୍ତିରେ ଶିଆଳୀ ଲତା ଥିବା ସ୍ଥାନରେ ମହାପ୍ରଭୁଙ୍କ ସମାଧି ବ୍ୟବସ୍ଥା କରିଥିବା ବା ସମାଧି ସ୍ଥାନରେ ପରେ ଶିଆଳୀ ଲଟା ଉଠିଥିବା ବା ରୋପଣ କରାଯାଇଥିବାର ସମ୍ଭାବନାକୁ ଅସ୍ୱୀକାର କରାଯାଇ ନପାରେ ।

ଆଉ ଗୋଟିଏ କଥା, ଗ୍ରନ୍ଥ ଅନୁସାରେ ସଂଗୋପନରେ ଶ୍ରୀ ଚୈତନ୍ୟଙ୍କୁ ସମାଧି ଦିଆଯାଇଥିଲା । କୂର୍ମବେଢ଼ା ଡେଇଁଲେ ବାହାର ବେଢ଼ାରେ କୋଇଲି ବୈକୁଣ୍ଠ ଓ ଏହା ମେଘନାଦ ପାଚେରୀକୁ ଲାଗିଛି । ଜଣେ ପ୍ରବଳ ଇଚ୍ଛା ଓ ପରିଶ୍ରମ କଲେ ଏହି ମେଘନାଦ ପାଚେରୀ ଅତିକ୍ରମ କରି ବାହାର ବେଢ଼ା ଭିତରକୁ ପ୍ରବେଶ କରି ପାରିବ । ଶ୍ରୀ ଚୈତନ୍ୟଙ୍କ ବେଳକୁ ଏହି ମେଘନାଦ ପାଚେରୀ ଥିଲା ନା ପରବର୍ତ୍ତୀ ଅବସ୍ଥାରେ ମୁସଲମାନ ଆକ୍ରମଣକୁ ପ୍ରତିରୋଧ କରିବାକୁ ଏହା ନିର୍ମିତ ହେଲା, ଏ ଦିଗରେ ଅଧିକ ଗବେଷଣା ଆବଶ୍ୟକ ।

ଶ୍ରୀ ଚୈତନ୍ୟଙ୍କୁ ସଂଗୋପନରେ ସମାଧି ଦିଆଯିବା ବେଳେ ସଂପୃକ୍ତ ଗୋଷ୍ଠୀଙ୍କ ବିରୋଧ ପ୍ରାୟ ନଥିବ । କାରଣ ସେତେବେଳକୁ ଧାର୍ମିକ ପ୍ରଭାବ ସମାଜରେ ଏତେ ଅଧିକ ଥିଲା ଯେ, ଧର୍ମ ସମ୍ମୁଖରେ ସବୁ ନୀତି ନିୟମ ଗୌଣ ହୋଇ ଯାଇଥିଲା । ଶ୍ରୀ ଚୈତନ୍ୟଙ୍କ ଦ୍ୱାରା ରାଧାକୃଷ୍ଣ ଉପାସନାର ପ୍ରଭାବ ଯୋଗେ ଧାର୍ମିକ ଜଗତରେ ସେତେବେଳକୁ ଶ୍ରୀ ଚୈତନ୍ୟ ରାଧାକୃଷ୍ଣଙ୍କ ମିଳିତ ବିଗ୍ରହ ଭାବେ ସମାଜରେ ସ୍ୱୀକୃତ ହୋଇ ସାରିଥିଲେ । ଶ୍ରୀଜଗନ୍ନାଥ ଶ୍ରୀଚୈତନ୍ୟଙ୍କ ଦୃଷ୍ଟିରେ ସମାଜରେ ସ୍ୱୟଂ ଶ୍ରୀକୃଷ୍ଣ ବୋଲି ଗୃହୀତ ହୋଇ ସାରିଥିଲେ । ପ୍ରତାପ ରୁଦ୍ର ତାଙ୍କ ରାଜଗୁରୁ କାଶୀଶ୍ୱର ମିଶ୍ର ଓ ସଭା ପଣ୍ଡିତ ସାର୍ବଭୌମଙ୍କ ଅନୁମୋଦନରେ ଶ୍ରୀଚୈତନ୍ୟଙ୍କୁ ସମାଧି ଦେବା ନିଷ୍ପତ୍ତି ନେଇଥିବା ସମ୍ଭବ । ତତ୍କାଳୀନ ସମାଜରେ ରାଜା ଚଳନ୍ତି ବିଷ୍ଣୁ ବୋଲି ଗ୍ରହଣ କରାଯାଉଥିଲା । ତେଣୁ ରାଜାଙ୍କ ସମର୍ଥନ ପାଇଲା ପରେ ଆଉ ଅନ୍ୟମାନେ ଏହାର ବିରୋଧ କରିବା ସମ୍ଭବ ହୋଇ ନଥାଇ ପାରେ ।

ତେବେ ଯାହା ହେଉନା କାହିଁକି ମହାପ୍ରଭୁ ଶ୍ରୀ ଚୈତନ୍ୟଙ୍କ ଜନ୍ମ ମାୟାପୁରୀ ନବଦ୍ୱୀପ ନଦିଆ ତାଙ୍କର ଭ୍ରମଣ ଓ ତୀର୍ଥଯାତ୍ରା ଉତ୍ତର ଭାରତର ବୃନ୍ଦାବନ, ଗୟା, ଦକ୍ଷିଣ ଭାରତ ତଥା ସମଗ୍ର ଦେଶର ଅଧିକାଂଶ ଅଞ୍ଚଳ । ମାତ୍ର ତାଙ୍କର ସ୍ମୃତି ଓ ଚେତନାରେ ସର୍ବଦା ସର୍ବତ୍ର ଉଦ୍‌ଜୀବିତ ଥିଲା ଶ୍ରୀକ୍ଷେତ୍ର । ତେଣୁ ସମସ୍ତ ବାଧା ପ୍ରତିବନ୍ଧକୁ ପ୍ରତିହତ କରି ସେ ଆଦରି ନେଇଥିଲେ ଶ୍ରୀକ୍ଷେତ୍ର ଓ ଶ୍ରୀକ୍ଷେତ୍ର ଧନ୍ୟ ହୋଇଥିଲା ଏଭଳି ଭକ୍ତପ୍ରବରଙ୍କୁ ଦୀର୍ଘଦିନ ଧରି ସଫଳ ଆଲିଙ୍ଗନ କରି ରଖିବାରେ ।

❒❒❒

**ଶ୍ରୀ ସିଦ୍ଧ ତପୋବନ,**
**ଟିକରପଡ଼ା ସାହି**
**ଶ୍ରୀକ୍ଷେତ୍ର - ୨**